୬ ହ୍ୟାଣ୍ଡସେକ୍ ବିବାଦ : ଏସିଆ କପ୍‌ରେ ୟୁଏଇ ବିପକ୍ଷ ଗ୍ରୁପ୍ ମ୍ୟାଚ୍ ବୟକଟ୍ କଲା ପାକିସ୍ତାନ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

TM

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹ 2.00

● ବର୍ଷ–୩୨ ● ସଂଖ୍ୟା–୨୩୧ ● ୧୮ ସେପ୍ଟେମ୍ବର ୨୦୨୫, ଗୁରୁବାର ● ଭୁବନେଶ୍ୱର ● Vol -32 ● Issue-231 ● 18th September 2025, Thursday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27







## ପ୍ରଧାନମନ୍ତ୍ରୀଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

# ମା' ପାଇଁ ଗଛଟିଏ ଅଭିଯାନରେ ଲାଗିଲା ୭୫ ଲକ୍ଷ ଗଛ

ଭୁବନେଶ୍ୱର, ୧୭।୯

ନ୍ୟୁଜ୍‌ବ୍ୟୁରୋ

ନିଜର ଜନ୍ମଦାତ୍ରୀ ମା'ଙ୍କ ସ୍ମୃତିରେ ଗଛଟିଏ ଲଗାନ୍ତୁ, ଏବଂ ସେହି ଗଛଟିକୁ ନିଜ ପରିବାରର ସଦସ୍ୟ ଭଳି ଦେଖାଶୁଣା କରନ୍ତୁ। ଗଛ ଯେପରି ଫୁଲ, ଫଳ ଧରି ଆପଣଙ୍କ ପରିଶ୍ରମକୁ ସାର୍ଥକ କରିବ। ଏହା ହେବ ଆମର ପ୍ରିୟ ପ୍ରଧାନମନ୍ତ୍ରୀଙ୍କୁ, ଧରିତ୍ରୀ ମାତାଙ୍କୁ ଓ ଆମର ଆଗାମୀ ପିଢ଼ିକୁ ଓଡ଼ିଶାବାସୀଙ୍କ ଶ୍ରେଷ୍ଠ ଉପହାର।

ବୁଧବାର ସ୍ଥାନୀୟ ଏକାମ୍ର କଲେଜ ପରିସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ୭୫ତମ ଜନ୍ମଦିନ ଅବସରରେ 'ଏକ୍ ପେଡ୍ ମା କେ ନାମ୍' ଅଭିଯାନର ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି। ମୁଖ୍ୟମନ୍ତ୍ରୀ ଗୋଟିଏ ଅଁଳା ଗଛ ଲଗାଇ ଏହି କାର୍ଯ୍ୟକ୍ରମର



ଶୁଭାରମ୍ଭ କରିଥିଲେ। ସୂଚନାଯୋଗ୍ୟ ଯେ, ବୁଧବାର (୧୭ ତାରିଖ) ପ୍ରଧାନମନ୍ତ୍ରୀଙ୍କ ଜନ୍ମ ଦିବସରେ ଗୋଟିଏ ଦିନରେ ସାରା ରାଜ୍ୟରେ ୭୫ ଲକ୍ଷ ଗଛ ଲଗାଯାଇଛି। (ପୃଷ୍ଠା ୭ରେ)

### ଓଡ଼ିଶା ସାଉଁଟିଲା ସାରା ବିଶ୍ୱରୁ ପ୍ରଶଂସା

ଭୁବନେଶ୍ୱର, ୧୭।୯

ନ୍ୟୁଜ୍‌ବ୍ୟୁରୋ

ଏକ ଅନନ୍ୟ ଇତିହାସ ଏବଂ ଏକ ଅସାଧାରଣ ଉଦାହରଣ ସୃଷ୍ଟି କରିଛି ଆଜି ଓଡ଼ିଶା। ମା' ଓ ମାତୃଭୂମି, ପ୍ରକୃତି ଓ ପରିବେଶକୁ ଓଡ଼ିଆମାନେ କେତେମାତ୍ରାରେ ଭଲ ପାଆନ୍ତି ତାହା ଆଜି ପ୍ରମାଣିତ କରି ଦେଖେଇ ଦେଇଛନ୍ତି। ଓଡ଼ିଆମାନେ ଐକ୍ୟବଦ୍ଧ ହେଲେ କୋଣାର୍କ ଗଢ଼ିପାରନ୍ତି, ଓଡ଼ିଆ ମାନେ ଐକ୍ୟବଦ୍ଧ ହେଲେ କଳ୍ପନା ଠାରୁ ଅଧିକ କିଛି କରିପାରନ୍ତି। ମାତ୍ର ୧୨ ଘଣ୍ଟା ଭିତରେ ପାଖାପାଖି ୧.୫ କୋଟି ଚାରା ରୋପଣ କରି ପ୍ରମାଣିତ କରି ଦେଖେଇ ଦେଇଛନ୍ତି ଓଡ଼ିଆମାନେ ସାରା ବିଶ୍ୱକୁ ସେମାନେ କିପରି ଏକ (ପୃଷ୍ଠା ୭ରେ)

# ଆଜିଠୁ ବିଧାନସଭା ମୌସୁମୀ ଅଧିବେଶନ, ସୁରକ୍ଷା ଯାଞ୍ଚ କଲେ ଡିଜିପି

ଭୁବନେଶ୍ୱର, ୧୭।୯

ନ୍ୟୁଜ୍‌ବ୍ୟୁରୋ

ଗୁରୁବାରଠୁ ବିଧାନସଭାର ମୌସୁମୀ ଅଧିବେଶନ ଆରମ୍ଭ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ବିରୋଧୀ ବିଜେଡି, କଂଗ୍ରେସ ଏବଂ ଶାସକ ବିଜେପି ବିଧାୟକ ଦଳ ବୈଠକ ପୃଥକ ପୃଥକ ଭାବେ ଅନୁଷ୍ଠିତ ହେବା ସହ ଅଧିବେଶନ ପାଇଁ ରଣନୀତି ପ୍ରସ୍ତୁତ କରାଯାଇଛି। ବିଧାନସଭା ଅଧିବେଶନ ପାଇଁ କମିଶନରେଟ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ପୋଲିସ ଡିଜି ଯୋଗେଶ ବାହାଦୂର ଖୁରାନିଆ ସୁରକ୍ଷା ବ୍ୟବସ୍ଥାର ଯାଞ୍ଚ କରିଛନ୍ତି। ମୌସୁମୀ ଅଧିବେଶନ ସମୟରେ ୩ ଥାକିଆ ସୁରକ୍ଷା ବ୍ୟବସ୍ଥା ରହିବ ବୋଲି ଡିଜିପି ଶ୍ରୀ ଖୁରାନିଆ ସୂଚନା ଦେଇଛନ୍ତି। ଏଥିପାଇଁ ୩୦ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ କରାଯିବା ସହ ଷ୍ଟ୍ରାଇକିଂ ଫୋର୍ସ, ଏସ୍‌ଟିୟୁ, ବୋମା ନିଷ୍କ୍ରିୟକାରୀ ଦଳ, ଡଗ୍ ସ୍କ୍ୱାଇଡ୍ ଓ ଅଗ୍ନିଶମ ବିଭାଗ ମଧ୍ୟ ଦାୟିତ୍ୱରେ ରହିବେ। ସେହିପରି ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରିବା ପାଇଁ ବିଭିନ୍ନ ସ୍ଥାନରେ ସିସିଟିଭି ଖଞ୍ଜା ଯାଇଛି। ୫ଟି ଅସ୍ଥାୟୀ ପୁଲିସ କଣ୍ଟ୍ରୋଲ୍ ରୁମ୍ ମଧ୍ୟ



ଖୋଲାଯାଇଛି। କଣ୍ଟ୍ରୋଲ୍‌ରୁମ୍‌ରେ ପ୍ରତିଟି ଦିଗ ଉପରେ ନଜର ରଖାଯାଇ ସ୍ଥିତି ନିୟନ୍ତ୍ରଣ କରାଯିବ। ୧୫୦ ଅଧିକାରୀ ଏହି ଦାୟିତ୍ୱରେ ରହି ସ୍ଥିତି ଉପରେ ନଜର ରଖିବେ। ଅଧିବେଶନ ଆରମ୍ଭ ପୂର୍ବରୁ ଏବେଠାରୁ ବିଧାନସଭା ଓ ଆଖପାଖ ଅଞ୍ଚଳକୁ ପୁଲିସ ଛାଉଣି କରାଯିବା ସହ ବ୍ୟାରିକେଡିଂ କରାଯାଇଛି। ତ୍ରିସ୍ତରୀୟ ସୁରକ୍ଷା ବଳୟ ଭିତରେ ରହିବ ବିଧାନସଭା। ଲୋୟର ପିଏମ୍‌ଜିରେ ୧୪୪ ଧାରା ଜାରି କରାଯାଇଛି। ସିସିଟିଭି ସର୍ଭିଲାନ୍ସ ଦ୍ୱାରା ବିଧାନସଭା ଓ ତାକୁ ଲାଗି ରହିଥିବା ସଂଲଗ୍ନ ସ୍ଥାନଗୁଡ଼ିକ ଉପରେ ନଜର ରଖାଯିବ। ଏହା ସହିତ ସମ୍ପୂର୍ଣ୍ଣ ପୋଲିସ୍ ପ୍ରଶାସନର କଡ଼ା ନଜରରେ ରହିବ ସମଗ୍ର ବିଧାନସଭା ଅଞ୍ଚଳ। ସୁରକ୍ଷା ଯାଞ୍ଚ ସମୟରେ ପୋଲିସ ଡିଜିଙ୍କ ସହିତ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ। ଗୁରୁବାର ଠାରୁ ଆରମ୍ଭ ହେଉଥିବା ମୌସୁମୀ ଅଧିବେଶନ ୨୫ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଧାର୍ଯ୍ୟ ହୋଇଛି।

## ଆଜିର ମୁଖ୍ୟ ଖବର

- ଡୋନାଲ୍ଡ ଟ୍ରମ୍ପଙ୍କ ବ୍ରିଟେନ୍‌ରେ ଐତିହାସିକ ଭ୍ରମଣ ଆରମ୍ଭ।
- ୟୁରୋପୀୟ ସଂଘ ଭାରତ ସହିତ ଗଭୀର ସଂଯୋଗ ସୃଷ୍ଟି କରିବାକୁ ଚାହିଁଛି।
- ପ୍ରଧାନମନ୍ତ୍ରୀ ମୋଦୀ ୨୫ ସେପ୍ଟେମ୍ବରରେ ନ୍ୟୁକ୍ଲିଅର୍ ପ୍ଲାଣ୍ଟର ଶିଳାନ୍ୟାସ କରିବେ।
- ଭାରତକୁ କର୍ତ୍ତାରପୁର ପିଲଗ୍ରୀମ୍ ଯାତ୍ରା ନିଷେଧ ହଟାଇବା ପାଇଁ ଶିଖ୍ ନେତାମାନଙ୍କ ଅନୁରୋଧ।
- ତାମିଲନାଡୁର ମଦୁରାଇରେ ୨୬–୨୮ରେ ଆୟୋଜିତ ହେବ ଟ୍ରାଭେଲ୍ ଏକ୍ସପୋ।
- ଭାରତ–ଯୁକ୍ତରାଷ୍ଟ୍ର ବ୍ୟାପାରିକ ଆଲୋଚନାକୁ 'ସକାରାତ୍ମକ ଏବଂ ଆଗାମୀମୁଖୀ' ବୋଲି ମୂଲ୍ୟାଙ୍କନ କରାଯାଇଛି।
- କୋରାପୁଟରେ ପରିତ୍ୟକ୍ତ ଶିଶୁଙ୍କ ପାଇଁ "ଯଶୋଦା ଯୋଜନା" ଆରମ୍ଭ।

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୧୭୧ (-୨୨)

୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୦,୨୪୦ (-୨୦)

୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୮,୩୭୮ (-୧୭)

## ରୁପା ଦର

ରୂପା – ପ୍ରତି ଗ୍ରାମ ୧୪୨ (-୨)

# ୨୩ରେ ରତ୍ନଭଣ୍ଡାରକୁ ସ୍ଥାନାନ୍ତର ହେବ ମହାପ୍ରଭୁଙ୍କ ଅଳଙ୍କାର

ପୁରୀ, ୧୭।୯

ନ୍ୟୁଜ୍‌ବ୍ୟୁରୋ

ଆସନ୍ତା ୨୩ ତାରିଖରେ ଅସ୍ଥାୟୀ ରତ୍ନଭଣ୍ଡାରରୁ ମୂଳ ରତ୍ନଭଣ୍ଡାରକୁ ସ୍ଥାନାନ୍ତର କରାଯିବ ମହାପ୍ରଭୁଙ୍କ ଅଳଙ୍କାର। ଯଦି ୨୩ରେ ଏହି କାର୍ଯ୍ୟ ନସରିବ, ତା'ହେଲେ ୨୪ ତାରିଖରେ ଏହାକୁ ସଂପୂର୍ଣ୍ଣ କରାଯିବ। ରତ୍ନଭଣ୍ଡାର ସବ୍‌କମିଟି ବୈଠକ ପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ଏହି ସୂଚନା ଦେଇଛନ୍ତି।

ସେ କହିଛନ୍ତି, ଉଭୟ ଭିତର ଓ ବାହାର ରତ୍ନଭଣ୍ଡାରର ମରାମତି କାର୍ଯ୍ୟ ଶେଷ ହୋଇଛି। ଭିତର ରତ୍ନଭଣ୍ଡାରର ଅଳଙ୍କାର



ଖଟଶେଜ ଘରେ, ବାହାର ରତ୍ନଭଣ୍ଡାରର ଅଳଙ୍କାର ଫୁଲ ଘରେ ଓ ଚାଙ୍ଗଡ଼ା ଘରେ ଅଛି। ସେପ୍ଟେମ୍ବର ୨୩ ତାରିଖ ଅମୃତ ବେଳାରେ ଅସ୍ଥାୟୀ ରତ୍ନଭଣ୍ଡାରରୁ ମୂଳ (ପୃଷ୍ଠା ୭ରେ)

# ମଧ୍ୟପ୍ରଦେଶରେ ମିତ୍ର ପାର୍କ ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ

ମଧ୍ୟପ୍ରଦେଶ, ୧୭।୯

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବୁଧବାର ଦିନ ଧାର ଜିଲ୍ଲାରେ ପ୍ରଧାନମନ୍ତ୍ରୀ ମିତ୍ର ପାର୍କ ଉଦଘାଟନ କରିବା ସମୟରେ ମଧ୍ୟପ୍ରଦେଶର ପ୍ରତୀକାତ୍ମକ ମାହେଶ୍ୱରୀ ଶାଢ଼ିର ପ୍ରଶଂସା କରିଥିଲେ, ଯାହା ଏହି ଅଞ୍ଚଳରେ ବୟନ ଶିଳ୍ପକୁ ପ୍ରୋତ୍ସାହିତ କରିବା ପାଇଁ ଉଦ୍ଦିଷ୍ଟ। ଦେବୀ ଅହଲ୍ୟାବାଇ ହୋଲକରଙ୍କ ଐତିହ୍ୟକୁ ମନେ ପକାଇ ସେ କହିଛନ୍ତି ଯେ ସେ ମହେଶ୍ୱରଙ୍କ ଦୁର୍ଗ ଦ୍ୱାରା ଅନୁପ୍ରାଣିତ ନଅ ଗଜ ଡ୍ରେପ୍ ବୁଣିବା ପାଇଁ କାରିଗରମାନଙ୍କୁ କହି ପ୍ରଥମ ମାହେଶ୍ୱରୀ ଶାଢ଼ି ତିଆରି କରିଥିଲେ। 'ମଧ୍ୟପ୍ରଦେଶରେ ମାହେଶ୍ୱରୀ ବସ୍ତ୍ରର ଏକ ସମୃଦ୍ଧ ପରମ୍ପରା ଅଛି ଏବଂ ଦେବୀ ଅହଲ୍ୟାବାଇ ହୋଲକର ସେମାନଙ୍କୁ ଏକ ନୂତନ ପରିମାଣ ଦେଇଥିଲେ। କିଛି ସମୟ ପୂର୍ବରୁ, ଆମେ ଅହଲ୍ୟାବାଇଙ୍କ ୩୦୦ତମ ଜନ୍ମବାର୍ଷିକୀ ପାଳନ କରିଥିଲୁ ପ୍ରଧାନମନ୍ତ୍ରୀ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ପାର୍କ ସୂତା, ଡିଜାଇନ୍, ପ୍ରକ୍ରିୟାକରଣ ଏବଂ ରପ୍ତାନି ପାଇଁ ଏକ ସମନ୍ୱିତ କେନ୍ଦ୍ର ଭାବରେ କାର୍ଯ୍ୟ କରିବ। 'ପିଏମ ମିତ୍ର ପାର୍କରେ କପାସ (କପା) ଏବଂ ରେଶମ (ରେଶମ) ଭଳି ଅତ୍ୟାବଶ୍ୟକୀୟ ଜିନିଷ ଉପଲବ୍ଧ ହେବ। ଗୁଣବତ୍ତା ଯାଞ୍ଚ ସହଜ ହେବ, ଏବଂ ବଜାରରେ ଆପଣଙ୍କ (ପୃଷ୍ଠା ୭ରେ)

### ଇଭିଏମ୍‌ରେ ରହିବ ପ୍ରାର୍ଥୀଙ୍କ ରଙ୍ଗୀନ ଫଟୋ : ଇସି



ନୂଆଦିଲ୍ଲୀ, ୧୭।୯

ଭାରତୀୟ ନିର୍ବାଚନ କମିଶନ ଇଭିଏମ୍ ବାଲଟ୍ ପେପରର ନକ୍ସା ସଂଶୋଧନ କରିଛନ୍ତି। ଆଗାମୀ ବିହାର ବିଧାନସଭା ନିର୍ବାଚନରୁ ପ୍ରାର୍ଥୀଙ୍କ ରଙ୍ଗୀନ ଫଟୋ ଇଭିଏମ୍‌ରେ ପ୍ରଥମ ଥର ପାଇଁ ପ୍ରିଣ୍ଟ ହେବ। ଫଟୋ ତିନି-ଚତୁର୍ଥାଂଶ ସ୍ଥାନରେ ରହିବ ଯାହା ଦ୍ୱାରା ପ୍ରାର୍ଥୀଙ୍କୁ ସ୍ପଷ୍ଟ ଚିହ୍ନିବା ସହଜ ହେବ। ଏହା ସହ ପ୍ରାର୍ଥୀଙ୍କ କ୍ରମିକ ସଂଖ୍ୟା ଓ ନୋଟା ୩୦ ଫଣ୍ଟ ସାଇଜରେ ବୋଲ୍ଡରେ ପ୍ରିଣ୍ଟ ହେବ।

ବାଲଟ୍ ପେପର ୭୦ ଜିଏସଏମ୍ ଗୁଣବତ୍ତା ଓ ବିହାର ନିର୍ବାଚନ ପାଇଁ ନିର୍ଦ୍ଦିଷ୍ଟ ଆରଜିବି ମୂଲ୍ୟ ସହିତ ଗୋଲାପୀ ରଙ୍ଗରେ ପ୍ରିଣ୍ଟ ହେବ। ଏହି ପରିବର୍ତ୍ତନ ଭୋଟରଙ୍କ ପାଇଁ ସ୍ୱଚ୍ଛତା ବୃଦ୍ଧି ଓ ଭୋଟିଂ ପ୍ରକ୍ରିୟାକୁ ସରଳ କରିବ। ଏହା ପୂର୍ବରୁ ବିହାରର ସ୍ୱତନ୍ତ୍ର ନିର୍ବାଚନୀ ତାଲିକା ସଂଶୋଧନ କାର୍ଯ୍ୟରେ ୬୫ ଲକ୍ଷ ନାମ ବାଦ ଦିଆଯାଇଥିବା ନେଇ ବିରୋଧୀ ଦଳ ସୁପ୍ରିମକୋର୍ଟରେ ଆପତ୍ତି ଉଠାଇଛନ୍ତି। ସୁପ୍ରିମକୋର୍ଟ ଅକ୍ଟୋବର ୭ରେ ଏହି ମାମଲାର ଚୂଡ଼ାନ୍ତ ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରିଛନ୍ତି।

## ଚାଷୀ-ସାର ପ୍ରସଙ୍ଗରେ ସରକାରଙ୍କୁ ଘେରିବ

# ବିଜେଡି, କଂଗ୍ରେସ ଆଣିବ ଅନାସ୍ଥା ପ୍ରସ୍ତାବ

ଭୁବନେଶ୍ୱର, ୧୭।୯

ନ୍ୟୁଜ୍‌ବ୍ୟୁରୋ

ଗୁରୁବାରଠାରୁ ବିଧାନସଭାର ମୌସୁମୀ ଅଧିବେଶନ ଆରମ୍ଭ ହେଉଥିବା ବେଳେ ବୁଧବାର ମୁଖ୍ୟ ବିରୋଧୀ ଦଳ ବିଜେଡି ବିଧାୟକ ଦଳ ବୈଠକରେ ରାଜ୍ୟର ଚାଷୀ ଓ ସାର ପ୍ରସଙ୍ଗକୁ ନେଇ ଗୃହରେ ସରକାରଙ୍କୁ ଘେରିବାକୁ ନିଷ୍ପତ୍ତି ହୋଇଛି। ଅନ୍ୟପକ୍ଷରେ କଂଗ୍ରେସ ବିଧାୟକ ଦଳ ବୈଠକରେ ରାଜ୍ୟ ସରକାରଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଅଣାଯିବାକୁ ସ୍ଥିର ହୋଇଥିବା ଜଣାପଡ଼ିଛି। ମୌସୁମୀ ଅଧିବେଶନ ଆରମ୍ଭରେ ଅର୍ଥାତ ପ୍ରଥମ ଦିନରେ ବିରୋଧୀ ଦଳ ନେତା ଅନୁପସ୍ଥିତ ରହିପାରନ୍ତି ବୋଲି ସୂଚନା ମିଳିଛି। ଅନ୍ୟପକ୍ଷରେ ଶାସକ ବିଜେପି ବିଧାୟକ ଦଳ ବୈଠକ ଅନୁଷ୍ଠିତ ହୋଇଯାଇଛି।

## ସୁସ୍ଥ ନାରୀ-ସଶକ୍ତ ପରିବାର ଅଭିଯାନର ଶୁଭାରମ୍ଭ

# ଓଡ଼ିଶାର ଦେଢ଼ କୋଟି ମହିଳା ଉପକୃତ ହେବେ

ଭୁବନେଶ୍ୱର, ୧୭।୯

ନ୍ୟୁଜ୍‌ବ୍ୟୁରୋ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟପ୍ରଦେଶର ଧାର୍ ଠାରେ ସୁସ୍ଥ ନାରୀ–ସଶକ୍ତ ପରିବାର ଅଭିଯାନର ଦେଶବ୍ୟାପୀ ଶୁଭାରମ୍ଭ କରିଛନ୍ତି। ମହିଳାମାନଙ୍କ ସ୍ୱାସ୍ଥ୍ୟ, ପୋଷଣ ଉପରେ ଫୋକସ୍ ହୋଇଥିବା ଏହି କାର୍ଯ୍ୟକ୍ରମ ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ଦେଶବ୍ୟାପୀ ଅନୁଷ୍ଠିତ ହେଉଛି। ଏହି ଅବସରରେ ବୁଧବାର ଭୁବନେଶ୍ୱର ୟୁନିଟ୍-୩ ପ୍ରଦର୍ଶନୀ ପଡ଼ିଆଠାରେ ଆୟୋଜିତ ରାଜ୍ୟ ସ୍ତରୀୟ କାର୍ଯ୍ୟକ୍ରମରେ ରାଜ୍ୟପାଳ ଡଃ ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମନ୍ତ୍ରୀମଣ୍ଡଳର ସଦସ୍ୟ, ବିଧାୟକ ଓ ନେତୃମଣ୍ଡଳୀ ଉପସ୍ଥିତ ରହି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ସହ ଯୋଡ଼ିହୋଇଥିଲେ। କାର୍ଯ୍ୟକ୍ରମରେ ଆୟୋଜିତ ହେଲଥ୍ ସ୍କ୍ରିନିଂ ଷ୍ଟଲ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରି ବୁଲି ଦେଖିଥିଲେ।

କାର୍ଯ୍ୟକ୍ରମ ପରେ ଗଣମାଧ୍ୟମକୁ ବିବୃତ୍ତି ରଖି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସେପ୍ଟେମ୍ବର ୧୭ ତାରିଖ ଅର୍ଥାତ ପ୍ରଧାନମନ୍ତ୍ରୀଙ୍କ ଜନ୍ମ ଦିବସ ମହିଳାଙ୍କ ସଶକ୍ତିକରଣ କ୍ଷେତ୍ରରେ ଏକ ଶୁଭଙ୍କର ଦିନ। ଗତ ବର୍ଷ (ପୃଷ୍ଠା ୭ରେ)

## ଏକାଳ ପଖାଳ



ମୁହଁ ଛିଞ୍ଚାଡ଼ିକି କହିଥିଲା ଟ୍ରମ୍ପ୍
ଭାରତକୁ ଦେବ ପାନେ
ଦିନ କେଇଟାରେ ନିଜ ଦାନ୍ତ ଖଟା
ହେବ ବୋଲି ନାହିଁ ଧ୍ୟାନେ
ଏବେ ଭାବିଲା ମନେ
ନିଜ ଗୋଡ଼େ ନିଜେ ଟାଙ୍ଗିଆ ମାରିଛି
ବାଡ଼ି ବୁଲାଇଲା ଶୂନ୍ୟେ।

# ଟ୍ରାଫିକ୍ କନଷ୍ଟେବଳ ଶୁଭମିତ୍ରା ନିଖୋଜ ଘଟଣାର ପର୍ଦ୍ଦାଫାସ୍



ଭୁବନେଶ୍ୱର, ୧୭।୯

ନ୍ୟୁଜ୍‌ବ୍ୟୁରୋ

୧୦ ଲକ୍ଷ ଟଙ୍କା ପାଇଁ କନଷ୍ଟେବଳ ଶୁଭମିତ୍ରା ସାହୁଙ୍କୁ ଦୀପକ ରାଉତ ହତ୍ୟା କରିଥିବା ପୁଲିସ କମିଶନର ଏସ. ଦେବଦତ୍ତ ସିଂ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ୧୦ ଲକ୍ଷ ଟଙ୍କା ପାଇଁ ସେମାନଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଶୁଭମିତ୍ରା ଅଭିଯୁକ୍ତ ଦୀପକକୁ ୧୦ ଲକ୍ଷ ଟଙ୍କା ଦେଇଥିଲେ। ବିବାହ ଉତ୍ସବ ପାଳନ ପାଇଁ ଶୁଭମିତ୍ରା ସେହି ଟଙ୍କା ମାଗିବାରୁ ସେମାନଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏନେଇ ପ୍ରମାଣ ମିଳିଛି।

କମିଶନରେଟ୍ ପୁଲିସର ମହିଳା ଟ୍ରାଫିକ୍ କନଷ୍ଟେବଳ ଶୁଭମିତ୍ରା ସାହୁ ନିଖୋଜ ଘଟଣାର ପର୍ଦ୍ଦାଫାସ ହୋଇଛି। ତାଙ୍କୁ ହତ୍ୟା କରାଯାଇଛି। ତାଙ୍କୁ ହତ୍ୟା କରିଥିବା ବ୍ୟକ୍ତିଙ୍କ ନାଁ ଦୀପକ ରାଉତ। ସେ ବି ଜଣେ କନଷ୍ଟେବଳ। କିନ୍ତୁ ସେ ଭୁବନେଶ୍ୱରରେ ପୁଲିସ କମିଶନରଙ୍କ ଅଫିସରେ କିରାଣି ଭାବେ କାର୍ଯ୍ୟ କରନ୍ତି। କମିଶନରେଟ୍ ପୁଲିସ ଦୀପକଙ୍କୁ ଗିରଫ କରିଛି।

ଶୁଭମିତ୍ରା ଓ ଦୀପକ କୋର୍ଟରେ ବାହା ହୋଇଥିଲେ। ୨୦୨୪ ଜୁଲାଇ ୭ ତାରିଖରେ ସେମାନେ କୋର୍ଟରେ ବାହା ହୋଇଥିଲେ। ଦୀପକଙ୍କୁ ପୁଲିସ୍ ଜେରା କରିବା ବେଳେ ଏହି କଥା (ପୃଷ୍ଠା ୭ରେ)

## ମହିଳା କନେଷ୍ଟବଳଙ୍କ ମୃତଦେହ ମିଳିବା

# ମୋତେ ଅତ୍ୟନ୍ତ ବ୍ୟଥିତ କରିଛି : ନବୀନ

ଭୁବନେଶ୍ୱର, ୧୭।୯

ନ୍ୟୁଜ୍‌ବ୍ୟୁରୋ

ଟ୍ରାଫିକ କନେଷ୍ଟବଳ ଶୁଭମିତ୍ରା ସାହୁଙ୍କ ହତ୍ୟା ମାମଲା ନେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ମୁହଁ ଖୋଲିଛନ୍ତି। ଏନେଇ ସେ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ନିଜର କୋହ ପ୍ରକାଶ କରିଛନ୍ତି। ବିଜେଡି ସୁପ୍ରିମୋ ଶ୍ରୀ ପଟ୍ଟନାୟକ କହିଛନ୍ତି, କମିଶନରେଟ ପୁଲିସରେ କାର୍ଯ୍ୟରତ ୨୫ ବର୍ଷୀୟ ମହିଳା କନେଷ୍ଟବଳ ରାଜଧାନୀରୁ ନିଖୋଜ ହେବା ଏବଂ ପରେ ତାଙ୍କ ମୃତଦେହ ମିଳିବା ମୋତେ ଅତ୍ୟନ୍ତ ବ୍ୟଥିତ ଓ ଚକିତ କରିଛି। ଭୁବନେଶ୍ୱର ଡିସିପି ଟ୍ରାଫିକ୍ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା କନେଷ୍ଟବଳ ଶୁଭମିତ୍ରା ସାହୁ ସେପ୍ଟେମ୍ବର ୬ ତାରିଖରେ ଡ୍ୟୁଟି ସାରି ଘରକୁ ଫେରିନଥିଲେ। ତାଙ୍କ ମାଆ ୭ ତାରିଖ ଦିନ ପୁଲିସରେ ବିଧିବଦ୍ଧ ଅଭିଯୋଗ କରିଥିଲେ। ବୁଧବାର ତାଙ୍କ ମୃତଦେହ ପୋତା ହୋଇଥିବା ଅବସ୍ଥାରେ ଘଟଗାଁ ନିକଟରୁ ମିଳିଛି। ଶୁଭମିତ୍ରାଙ୍କ ମୃତ୍ୟୁ ଖବର ମୋତେ ମର୍ମାହତ କରିଛି। ଏହି ଘଟଣା ଗୃହ ବିଭାଗ ଓ ରାଜ୍ୟ ପୁଲିସର କାର୍ଯ୍ୟଦକ୍ଷତା ଓ ପାରିବାପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି (ପୃଷ୍ଠା ୭ରେ)

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ରାଜ୍ୟର ଗ୍ରାମାଞ୍ଚଳରେ ମାସିକ ମୁଣ୍ଡପିଛା ବ୍ୟୟ ୩୦୦୦ ଟଙ୍କାରୁ କମ୍

ରାଜ୍ୟର ଗ୍ରାମାଞ୍ଚଳ ଅଧିବାସୀଙ୍କ ମାସିକ ମୁଣ୍ଡପିଛା ଖର୍ଚ୍ଚ ୨୯୫୦ ଟଙ୍କା। ଅର୍ଥାତ୍ ସେମାନେ ଦିନକୁ ୯୮ ଟଙ୍କା ୩୩ ପଇସାରେ ନିଜର ଗୁଜରାଣ ମେଣ୍ଟାଉଛନ୍ତି। ସହରାଞ୍ଚଳ ଅଧିବାସୀଙ୍କ ମାସିକ ହାରାହାରି ଖର୍ଚ୍ଚ ୫୧୮୭ ଟଙ୍କା ରହିଛି। ସେମାନେ ଦୈନିକ ୧୭୨ ଟଙ୍କା ୯୦ ପଇସା ଖର୍ଚ୍ଚ କରୁଛନ୍ତି। ତେବେ ଏହି ଖର୍ଚ୍ଚରେ ଓଡ଼ିଶା ବହୁ ରାଜ୍ୟ ଏବଂ ଜାତୀୟ ହାରଠାରୁ ପଛରେ ରହିଛି। ଜାତୀୟ ସ୍ତରରେ ଗ୍ରାମାଞ୍ଚଳର ମାସିକ ହାରାହାରି ଖର୍ଚ୍ଚ ୩୭୭୩ ଟଙ୍କା ଥିବା ବେଳେ ସହରାଞ୍ଚଳରେ ତାହା ୬୪୫୯ ଟଙ୍କା ରହିଛି।

ଏହା ପୂର୍ବରୁ ଆସିଥିବା ସର୍ବେକ୍ଷଣ ରିପୋର୍ଟ ୨୦୧୧-୧୨ରେ ଓଡ଼ିଶାର ଗ୍ରାମାଞ୍ଚଳରେ ମାସିକ ହାରାହାରି ମୁଣ୍ଡପିଛା ଖର୍ଚ୍ଚ ୧୦୦୩ ଟଙ୍କା ଏବଂ ସହରାଞ୍ଚଳରେ ୧୯୪୧ ଟଙ୍କା ଥିଲା। ୧୦ ବର୍ଷ ଭିତରେ ଗ୍ରାମାଞ୍ଚଳରେ ଲୋକମାନଙ୍କ ହାରାହାରି ବ୍ୟୟରେ ୧୯୪୭ ଟଙ୍କାର ବୃଦ୍ଧି ଘଟିଥିବା ବେଳେ ସହରାଞ୍ଚଳରେ ୩୨୪୬ ଟଙ୍କା ବଢ଼ିଛି। କେନ୍ଦ୍ର ସରକାରଙ୍କ ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ପାରିବାରିକ ଉପଯୋଗିତା ଖର୍ଚ୍ଚ ସର୍ବେକ୍ଷଣ ୨୦୨୨-୨୩ ରିପୋର୍ଟ ଅନୁଯାୟୀ କେବଳ ଓଡ଼ିଶା, ଛତିଶଗଡ଼ ଓ ଝାଡ଼ଖଣ୍ଡର ଗ୍ରାମାଞ୍ଚଳରେ ମାସିକ ମୁଣ୍ଡପିଛା ବ୍ୟୟ ୩୦୦୦ ଟଙ୍କାରୁ କମ୍ ରହିଛି। ସହରାଞ୍ଚଳ ବ୍ୟୟରେ ଉତ୍ତରପ୍ରଦେଶ, ବିହାର, ପଶ୍ଚିମବଙ୍ଗ, ଓଡ଼ିଶା, ମଧ୍ୟପ୍ରଦେଶ, ମଣିପୁର ଓ ଝାଡ଼ଖଣ୍ଡରେ ମାସିକ ମୁଣ୍ଡପିଛା ବ୍ୟୟ ୬୦୦୦ ଟଙ୍କାରୁ କମ୍ ରହିଛି। ଏହି ସମସ୍ତ ରାଜ୍ୟଗୁଡ଼ିକର ପ୍ରଦର୍ଶନ ଜାତୀୟ ହାରଠାରୁ ଖରାପ ରହିଛି। ରିପୋର୍ଟକୁ ନିରେଖି ଦେଖିବା ପରେ ଜଣାପଡ଼ିଛି ଯେ ମଣିପୁରର ଗ୍ରାମାଞ୍ଚଳରେ ମାସିକ ମୁଣ୍ଡପିଛା ବ୍ୟୟ ସର୍ବାଧିକ ୭୭୩୧ ଟଙ୍କା ରହିଛି। ଏହା ବ୍ୟତୀତ ଆଣ୍ଡାମାନ ଓ ନିକୋବର, ଚଣ୍ଡିଗଡ଼, ସିକିମ୍ ଓ ଗୋଆରେ ତାହା ୭୦୦୦ ଟଙ୍କାରୁ ଅଧିକ ରହିଛି। ସହରାଞ୍ଚଳରେ ମାସିକ ମୁଣ୍ଡପିଛା ହାରାହାରି ବ୍ୟୟ କ୍ଷେତ୍ରରେ ୧୨,୫୭୫ ଟଙ୍କା ସହ ଚଣ୍ଡିଗଡ଼ ଶୀର୍ଷରେ ଥିବା ବେଳେ ସିକିମ୍ରେ ତାହା ୧୨,୧୦୫ ଟଙ୍କା ରହିଛି। ଏହି ସର୍ବେକ୍ଷଣ ଲାଗି ଓଡ଼ିଶାର ଗ୍ରାମାଞ୍ଚଳରୁ ୬୭୩୨ ଓ ସହରାଞ୍ଚଳରୁ ୨୫୪୩ ପରିବାରକୁ ନମୁନା ଭାବେ ଗ୍ରହଣ କରାଯାଇଥିଲା ବୋଲି ରିପୋର୍ଟରୁ ଜଣାପଡ଼ିଛି। ରିପୋର୍ଟ ସମ୍ପର୍କରେ ଅର୍ଥନୀତିଜ୍ଞ ପ୍ରଭାସ ମିଶ୍ର କହିଛନ୍ତି ଯେ ୨୦୧୧-୧୨ର ସର୍ବେକ୍ଷଣ ତୁଳନାରେ ରାଜ୍ୟର ସ୍ଥିତିରେ ଉନ୍ନତି ହୋଇଛି। ପୂର୍ବରୁ ଏହା ସବା ତଳେ ଥିଲା। ଏବେ ତଳ ଆଡୁ ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ଯଦି ମୁଦ୍ରାସ୍ଫୀତି ହାର ବିଚାରକୁ ନିଆଯିବ ତେବେ ରାଜ୍ୟର ଗ୍ରାମାଞ୍ଚଳରେ ମୁଣ୍ଡପିଛା ମାସିକ ହାରାହାରି ଖର୍ଚ୍ଚ ୧୦୦୦ ଟଙ୍କା ପାଖାପାଖି ବଢ଼ିଛି ବୋଲି କୁହାଯାଇପାରିବ। ଏହି ରିପୋର୍ଟରୁ ଜଣାପଡୁଛି ଯେ ଲୋକମାନେ ଖାଦ୍ୟ ଉପରେ କମ୍ ଖର୍ଚ୍ଚ କରୁଛନ୍ତି। ଏହାର ଏକ ପ୍ରମୁଖ କାରଣ ହେଉଛି କଲ୍ୟାଣମୂଳକ ସ୍କିମ୍ରେ ସରକାର ମାଗଣାରେ ଖାଦ୍ୟଶସ୍ୟ ଦେଉଥିବାରୁ ସେଥିରେ ଖର୍ଚ୍ଚ ହ୍ରାସ ପାଇଛି। ଲୋକମାନେ ଡାଲିରେ ଖର୍ଚ୍ଚ କମ୍ କରିଛନ୍ତି। କିନ୍ତୁ ପ୍ୟାକେଜଡ୍ ଖାଦ୍ୟ ଓ ପାନୀୟରେ ଅଧିକ ବ୍ୟୟ କରିଛନ୍ତି। ମୋବାଇଲ୍ ଫୋନ୍ ଓ ଗାଡ଼ି ଆଦି କିଣିବାରେ ଅଧିକ ଖର୍ଚ୍ଚ କରୁଛନ୍ତି। ମୋଟ ଉପରେ ଦେଖିଲେ ଗ୍ରାମାଞ୍ଚଳରେ ଆର୍ଥିକ ସ୍ଥିତି ଦୁର୍ବଳ ରହିଛି ବୋଲି ସେ କହିଛନ୍ତି।

# ବିଶ୍ୱବନ୍ଧୁତ୍ୱର ବିପୁଳ ଦିଗନ୍ତ



ମନୋରଞ୍ଜନ ମହାନ୍ତି
ଇଂରାଜୀ ପ୍ରାଧ୍ୟାପକ
(ଅବସରପ୍ରାପ୍ତ)
ଧର୍ମଶାଳା, ଯାଜପୁର
ମୋ-୯୮୫୩୨୮୨୯୬୨

୧୯୩୦ ଦଶକରେ ଅଷ୍ଟ୍ରେଲିଆର କିଛି ଲେଖକ, ସମାଜ-ଚିନ୍ତକ ଗୋଟେ ଆନ୍ଦୋଳନ ଆରମ୍ଭ କଲେ, ଯାହାର ନାଁ ଦେଲେ 'ଜିନ୍ଦିଓ୍ୱରୋବାକ୍' । ଏ ଶବ୍ଦଟିକୁ ସେମାନେ ଆଣିଥିଲେ ଅତୀତରେ ମେଲ୍‌ବୋର୍ଣ୍ଣ ଓ ତା'ର ଚତୁଃପାର୍ଶ୍ୱସ୍ଥ ଅଧିବାସୀମାନେ କହୁଥିବା ଓ୍ୱଇଉରାଙ୍ଗ୍ ଭାଷାରୁ । ଯା'ର ଅର୍ଥ ହେଉଛି 'ସମ୍ମିଳିତ କରିବା ।' ଏ ଆନ୍ଦୋଳନର ପୁରୋଭାଗରେ ଥିଲେ ରେକ୍ସ ଇଙ୍ଗାମେଲ୍ସ, ନାନ୍‌ସି କାଟୋଙ୍କ ଭଳି ସ୍ୱନାମଧନ୍ୟ ଲେଖକମାନେ । ପୁଣି ୧୯୬୦ ଦଶକର ମଧ୍ୟଭାଗରେ ଜୁଡିଥ୍ ରାଇଟ୍ ଓ ଲେସ୍ ମରେଙ୍କ ଭଳି ଲେଖକମାନେ ସହାବସ୍ଥାନ, ସମାନ ଦୃଷ୍ଟି, ସାମାଜିକ-ସାଂସ୍କୃତିକ ବିକାଶର କଥା କହିଲେ, ଯାହା ସେହି ରାଷ୍ଟ୍ରରେ ବନ୍ଧୁତ୍ୱର ଅସଲ ଭିତ୍ତି ଥିଲା, କିନ୍ତୁ ପରୋକ୍ଷରେ ବୈଶ୍ୱିକ ବନ୍ଧୁତାକୁ ଇଙ୍ଗିତ କରୁଥିଲା ।

ସାମ୍ପ୍ରତିକ ସମୟରେ ବିଶ୍ୱରେ ରାଷ୍ଟ୍ର-ରାଷ୍ଟ୍ର ମଧ୍ୟରେ ବିବାଦ, ଯୁଦ୍ଧର ବିଭୀଷିକା, ମଣିଷ-ମଣିଷ ମଧ୍ୟରେ ବିଭେଦ, ବୈଷମ୍ୟ ଦୃଶ୍ୟ ହେଉଥିଲାବେଳେ ଉପରୋକ୍ତ କଥାଗୁଡ଼ିକ ଅବଶ୍ୟ ସ୍ମରଣଯୋଗ୍ୟ । ଶ୍ୱେତକାୟ-କୃଷ୍ଣକାୟ, ଧନୀ-ନିର୍ଦ୍ଧନ, ଶିକ୍ଷିତ-ଅଶିକ୍ଷିତ, ସବଳ-ଦୁର୍ବଳ ନିର୍ବିଶେଷରେ ସବୁ ମଣିଷ ଗୋଟିଏ ଅନ୍ତଃରାଷ୍ଟ୍ରୀୟ ମଞ୍ଚରେ ସମ୍ମିଳିତ ହେବା, ବିବିଧତା ମଧ୍ୟରେ ଏକତା ଓ ଶାନ୍ତିପୂର୍ଣ୍ଣ ସହାବସ୍ଥାନର ଉଚ୍ଚାରଣରେ ଉଦ୍‌ବୁଦ୍ଧ ହେବା, ସମଗ୍ର ବିଶ୍ୱବାସୀଙ୍କ ସାମାଜିକ-ଆର୍ଥିକ-ସାଂସ୍କୃତିକ ବିକାଶ ନିମିତ୍ତ ଶପଥବଦ୍ଧ ହେବାର ଯେଉଁ କଥା ଏବେ କୁହାଯାଉଛି, ତାହା ବହୁ ପ୍ରାଚୀନ କାଳରେ ଖୁବ୍ ପ୍ରଭାବୀ ଢଙ୍ଗରେ କୁହାଯାଇଥିଲା, ଯେତେବେଳେ ଭାରତବର୍ଷର ବୈଦିକ ତପସ୍ୱୀମାନେ କହିଲେ, 'ବସୁଧୈବ କୁଟୁମ୍ବକମ୍' ଅର୍ଥାତ୍ ବିପୁଳ ବସୁଧା ଗୋଟିଏ ପରିବାର ।

'ଶ୍ରୀମଦ୍‌ଭଗବତ୍ ଗୀତା'ରେ ଶ୍ରୀକୃଷ୍ଣ କହିଲେ, 'ଆତ୍ମଉପମ୍ୟେନ ସର୍ବତ୍ର, ସମଂ ପଶ୍ୟତି ୟୋ ଅର୍ଜୁନ' ଅର୍ଥାତ୍ 'ଯେ ସମସ୍ତ ପ୍ରାଣୀଙ୍କୁ ସମାନ ଦୃଷ୍ଟିରେ ଦେଖେ ସେ ବୁଦ୍ଧିମାନ୍, ବିବେକବାନ୍।' ସମଦର୍ଶୀ ମଣିଷ ସମସ୍ତଙ୍କୁ ଆପଣାର କରିପାରେ ଓ ସମସ୍ତଙ୍କର ଆପଣାର ହୋଇପାରେ । ଦିନେ ବୁଦ୍ଧଦେବଙ୍କୁ ଶିଷ୍ୟ ଆନନ୍ଦ କହିଲେ, 'ମୁଁ ଭାବୁଛି ଉତ୍ତମ ବନ୍ଧୁମାନଙ୍କୁ ପାଇବା ଓ ସେମାନଙ୍କ ସହିତ ଏକତ୍ର ଅଗ୍ରଗତି କରିବା ଦ୍ୱାରା ଜଣେ ମଣିଷ ବୁଦ୍ଧ-ମାର୍ଗର ଅର୍ଦ୍ଧାଂଶ ଅତିକ୍ରମ କରିଛି ।' ବୁଦ୍ଧଦେବ ଏହାକୁ ସଂଶୋଧନ କରି ଧୀର ଅଥଚ ଦୃଢ଼ ସ୍ୱରରେ କହିଲେ, 'ଆନନ୍ଦ, ତୁମର ଏପରି ଭାବିବା ଠିକ୍ ନୁହେଁ । ଉତ୍ତମ ବନ୍ଧୁମାନଙ୍କୁ ପାଇବା ଓ ସେମାନଙ୍କ ସହିତ ଏକତ୍ର ଅଗ୍ରଗତି କରିବା ବୁଦ୍ଧ-ମାର୍ଗର ଅର୍ଦ୍ଧାଂଶ ନୁହେଁ, ସମ୍ପୂର୍ଣ୍ଣ ବୁଦ୍ଧ-ମାର୍ଗ ।' ମହାବୀର କହିଲେ, 'ମିଚ୍ଚି ମେ ସଓ୍ୱ ଭୋଏସୁ, ଭେରମ୍ ମଜ୍‌ହାନ୍ କେନାଇ' ଅର୍ଥାତ୍ 'ମୋର ବନ୍ଧୁତା ସମସ୍ତ ପ୍ରାଣୀଙ୍କ ସହିତ, ମୋର ଶତ୍ରୁତା କାହା ସହିତ ନୁହେଁ ।' ଜୈନମାନେ ପାଳନ କରୁଥିବା ପର୍ଯ୍ୟୁଷଣ ପର୍ବ ସେଥିପାଇଁ ମାନବୀୟ ଏକତା, ଶାନ୍ତିପୂର୍ଣ୍ଣ ସହାବସ୍ଥାନ, ବନ୍ଧୁତା, ଅହିଂସା ଓ ସର୍ବଜନୀନ ନୈତିକ ମୂଲ୍ୟବୋଧ ଉପରେ ଗୁରୁତ୍ୱାରୋପ କରେ ।

ସୁଫି ସନ୍ଥ ଜଲାଲୁଦ୍ଦିନ୍ ରୁମି କହିଲେ, 'କାଜ୍ ମିନ୍ ଅନ୍‌ଫାସ୍ ନି ଇନ୍‌ସାନ୍', ଅର୍ଥାତ୍ କେବଳ ଶ୍ୱାସକ୍ରିୟା କରି ଆମେ ଇନ୍‌ସାନ୍ ହେବା ନାହିଁ, ଇନ୍‌ସାନ୍ ହେବା ପାଇଁ ଆମକୁ ଦୟାଶୀଳ, ସହାନୁଭୂତିପୂର୍ଣ୍ଣ ହବାକୁ ପଡ଼ିବ । 'ଆଦ୍‌ମି' ଓ 'ଇନ୍‌ସାନ୍' ମଧ୍ୟରେ ପ୍ରଭେଦ ରହିଛି । 'ଯୋ ଦମ୍ ଲେ ଓ ଆଦ୍‌ମି', ଯିଏ ଦମ୍ ନିଏ ଅର୍ଥାତ୍ ଶ୍ୱାସକ୍ରିୟା କରେ ସେ ଆଦ୍‌ମି। 'ଇନ୍‌ସାନ୍' ଶବ୍ଦଟି 'ଉନ୍‌ସ୍'ରୁ ଆସିଛି । 'ଉନ୍‌ସ୍'ର ଅର୍ଥ ସର୍ବଜନୀନ ପ୍ରୀତି । 'ଜିସ୍‌ମେଁ ଉନ୍‌ସ୍ ହୋ ଓ ଇନ୍‌ସାନ୍ ହୟ' ଅର୍ଥାତ୍ ଯା'ର ଅନ୍ତରରେ ସର୍ବଜନୀନ ପ୍ରୀତି ଅଛି ସେ ଇନ୍‌ସାନ୍ । ଆଦ୍‌ମିମାନଙ୍କ ମଧ୍ୟରେ ଯେଉଁମାନେ ଇନ୍‌ସାନ୍, କେବଳ ସେହିମାନେ ହିଁ ବିଶ୍ୱବନ୍ଧୁତ୍ୱ ପ୍ରତିଷ୍ଠାରେ ସହାୟକ ହୋଇପାରିବେ । କବି ନସ୍ତର୍ ନିସାପୁରୀଙ୍କ କବିତାର କେତୋଟି ଧାଡ଼ି, 'ୟା ତୋ ହର୍ ଚେହ୍‌ରା ମୁସ୍କୁରାୟେ ୟା ଫିର୍ ହର୍ ଚେହ୍‌ରା ରୋ ଦେ / ଯଜ୍‌ବାତ୍ ସବ୍ କେ ଏକ୍ ସେ ହୋଁ, ସଭି ସାଥ୍ ହଁସେଁ, ସଭି ସାଥ୍ ରୋୟେଁ, ଅର୍ଥାତ୍ 'ସବୁ ମୁହଁ ହସିବ କିମ୍ବା କାନ୍ଦିବ / ସମସ୍ତଙ୍କ ଭାବନା ଏକ ପ୍ରକାରର ହେବ ; ସମସ୍ତେ ସାଥି ହୋଇ ହସିବେ ଓ କାନ୍ଦିବେ / ଚାଲ ଏବେଠାରୁ ସେହିଭଳି କର୍ମ କରିବା ।'

ଯା'ର ଅର୍ଥ ଅନ୍ୟର ସୁଖ-ଦୁଃଖ, ହସ-କାନ୍ଦରେ ଆମେ ସମଭାଗୀ ହେବା । ସଂପ୍ରତି ଗାଜା, ୟୁକ୍ରେନ୍, ଆଫ୍‌ଗାନିସ୍ତାନ୍ ଓ ପୃଥିବୀର ଅନେକ ସ୍ଥାନରେ ଯେଉଁ ନରସଂହାର ଚାଲିଛି, ଯେଉଁସବୁ ଭୟାନକ ଘଟଣା ଘଟିଯାଉଛି ସେଥିପ୍ରତି ଯଦି ଆମର ଆତ୍ମା ଜାଗ୍ରତ ନହୁଏ, ତେବେ ଆମେ ସମସ୍ତେ, ରୁଷୀୟ ଲେଖକ ନିକୋଲାଇ ଗୋଗୋଲ୍‌ଙ୍କ ଉପନ୍ୟାସରେ ବର୍ଣ୍ଣିତ ଗୋଟିଏ ଗୋଟିଏ 'ମୃତାତ୍ମା' (ଡେଡ୍ ସୋଲ୍ସ) । ବିବେକାନନ୍ଦ କହିଥିଲେ, 'ଶକ୍ତି, ପ୍ରସାରଣ ଓ ପ୍ରେମ ହେଉଛି ଜୀବନ । ଦୁର୍ବଳତା, ସଂକୋଚନ ଓ ଘୃଣା ହିଁ ମୃତ୍ୟୁ ।' ଏବେ ଦଲାଇଲାମା କହିଲେ, 'ଏ ମୋର ସରଳ ଧର୍ମ । ଦେବାଳୟର ଆବଶ୍ୟକତା ନାହିଁ, ଜଟିଳ ଦର୍ଶନର ଆବଶ୍ୟକତା ନାହିଁ । ଆମ ନିଜର ମସ୍ତିଷ୍କ, ଆମ ନିଜର ହୃଦୟ ହେଉଛି ଆମର ଦେବାଳୟ, ଦର୍ଶନ ହେଉଛି ଦୟା' । ତେବେ ସାଂପ୍ରତିକ ବିଶ୍ୱରେ କିଛି କ୍ଷମତାପନ୍ନ ଲୋକଙ୍କର ହୃଦୟ ଏତେ ଦୁର୍ବଳ, ସଂକୁଚିତ, ଘୃଣାପୂର୍ଣ୍ଣ, ନିର୍ଦ୍ଦୟ କାହିଁକି ? ଯେଉଁଥିପାଇଁ ଚାରିଆଡ଼େ ମୃତ୍ୟୁର ଭୟାବହ, ଧ୍ୱଂସର ହୃଦୟ ବିଦୀର୍ଣ୍ଣକାରୀ ଦୃଶ୍ୟ ।

ପ୍ରାଚ୍ୟ ଓ ପାଶ୍ଚାତ୍ୟର ଶାସ୍ତ୍ର, ପୁରାଣ, ସାହିତ୍ୟରେ ବନ୍ଧୁତ୍ୱ ଓ ଶାନ୍ତିର ଅସୀମିତ ଦୃଷ୍ଟାନ୍ତ । ରାଜା ଦଶରଥଙ୍କର ଆଠଜଣ ମନ୍ତ୍ରୀ ଥିଲେ : ଧୃଷ୍ଟି, ଜୟନ୍ତ, ବିଜୟ, ସିଦ୍ଧାର୍ଥ, ଅର୍ଥସାଧକ, ଅଶୋକ, ମନ୍ତ୍ରପାଳ, ସୁମନ୍ତ୍ର, ଯେଉଁମାନେ ରାଜ୍ୟରେ ଶାନ୍ତି ଓ ସକଳ ବର୍ଗର ପ୍ରଜାଙ୍କ ମଧ୍ୟରେ ବନ୍ଧୁତ୍ୱ ପ୍ରତିଷ୍ଠା ପାଇଁ ରାଜାଙ୍କୁ ସମୟୋଚିତ ପରାମର୍ଶ ଦେଉଥିଲେ । ଶ୍ରୀରାମଙ୍କର ରାଜାଭିଷେକ ସମ୍ପନ୍ନ କରିଥିବା ଆଠଜଣ ଋଷି : ବଶିଷ୍ଠ, ବାମଦେବ, ଜାବାଳି, କାଶ୍ୟପ, କାତ୍ୟାୟନ, ସୁଯଜ୍ଞ, ଗୌତମ, ବିଜୟ ଥିଲେ ଶାନ୍ତିର ବାର୍ତ୍ତାବହ, ଜାଗତିକ ପ୍ରୀତି ଓ ପ୍ରତ୍ୟୟର ଜଣେ ଜଣେ ପରମାର୍ଥୀ ଦୂତ । 'ଶ୍ରୀମଦ୍‌ଭାଗବତ ମହାପୁରାଣ'ରେ ବେଦବ୍ୟାସ ପ୍ରେମରୁ ଆରମ୍ଭ କରି ମହାଭାବ ପର୍ଯ୍ୟନ୍ତ ଯେଉଁ ଆଠଗୋଟି ଭାବର କଥା କହିଲେ ତା'ର ମୂଳଭିତ୍ତିଟି ହେଉଛି 'ପ୍ରେମ' ଅର୍ଥାତ୍ ପରସ୍ପରକୁ ଭଲପାଇବାର ଭାବ ଯାହା ଗୋଟେ ବୃହତ୍ତର, ଉଚ୍ଚତର ଓ ମହତ୍ତର ଦିଗକୁ ପ୍ରତିଭାସ କରୁଛି, ତା' ହେଉଛି 'ବୈଶ୍ୱିକ ଭ୍ରାତୃତ୍ୱ ଓ ଶାନ୍ତି' । ବୁଦ୍ଧଦେବ ଆଠଟି ମାର୍ଗ ପ୍ରଦର୍ଶନ କଲେ : ସତ୍ ବିଚାର, ସତ୍ ଉଦ୍ଦେଶ୍ୟ, ସତ୍ ସଂକଳ୍ପ, ସତ୍ କଥନ, ସତ୍ କାର୍ଯ୍ୟ, ସତ୍ ଜୀବିକା, ସତ୍ ପ୍ରୟାସ, ସତ୍ ସଚେତନତା, ଯାହା ବିଶ୍ୱ-ବନ୍ଧୁତ୍ୱ ପାଇଁ ଏକାନ୍ତ ପ୍ରୟୋଜନୀୟ । ଶ୍ରୀ ଅରବିନ୍ଦ ମଣିଷର ଯେଉଁ ସାଧାରଣ ମନ, ଉଚ୍ଚତର ମନ, ଆଲୋକିତ ମନ, ବୋଧିମନ, ଅଧିମାନସ, ଅତିମାନସର ଅବତାରଣା କଲେ ତାହା ଜୀବନର ଆଧ୍ୟାତ୍ମିକ ଉତ୍କର୍ଷ ଓ ତା'ରି ଅବଲମ୍ବନରେ ସମଗ୍ର ଜଗତ୍‌ର ଶାନ୍ତି ଓ କଲ୍ୟାଣ ନିମିତ୍ତ ହିଁ ଉଦ୍ଦିଷ୍ଟ ଥିଲା । ତନ୍ତ୍ର, ଯୋଗ, ଜ୍ଞାନ, ପ୍ରେମର ଚତୁର୍ବିଧ ସାଧନାରେ ସିଦ୍ଧ ସଦ୍‌ଗୁରୁ ଶ୍ରୀ ନିଗମାନନ୍ଦ ଯେଉଁ ଆଦର୍ଶ ଗୃହସ୍ଥ ଜୀବନ, ଶିବଜ୍ଞାନରେ ଜୀବସେବା, ଅସାମ୍ପ୍ରଦାୟିକ ଭାବରେ ସନାତନ ଧର୍ମ ଅର୍ଥାତ୍ ମାନବ-ଧର୍ମର ପ୍ରଚାର ଓ ପ୍ରସାର କଥା କହିଲେ ତାହା ମାନବ-ସମୁଦାୟର ଶାନ୍ତି, ସୌହାର୍ଦ୍ଦ୍ୟ ଓ ସଦ୍‌ଭାବର ଚିରନ୍ତନ ଦୀପ୍ତିକୁ ହିଁ ପ୍ରକଟ କଲା । ସେକ୍ସପିୟରଙ୍କ ନାଟକ 'ମ୍ୟାକ୍‌ବେଥ୍'ରେ ଉଭୟ ଲେଡି ମ୍ୟାକ୍‌ବେଥ୍ ଓ ମ୍ୟାକ୍‌ବେଥ୍‌ଙ୍କ କ୍ଷମତା-ଲାଳସା ଉଦଗ୍ର । 'କିଙ୍ଗ୍ ଲିଅର୍' ନାଟକରେ ଲିଅର୍‌ଙ୍କ ତୋଷାମୋଦପ୍ରୀତି ଓ ତାଙ୍କ ଝିଅ ଗନେରିଲ୍ ଓ ରିଗାନ୍‌ଙ୍କ ଛଳନା ଆକାଶଛୁଆଁ । 'ଅଥେଲୋ' ନାଟକରେ ଖଳନାୟକ ଇଆଗୋର ଅସହିଷ୍ଣୁତା, ନାୟକ ଅଥେଲୋର ଅବିମୃଶ୍ୟକାରିତା, ଅପରିଣାମଦର୍ଶିତା ଉତ୍କଟ । ତେଣୁ ପାରିବାରିକ ଓ ସାମାଜିକ ଜୀବନ ବିଭ୍ରାନ୍ତ, ବିପର୍ଯ୍ୟସ୍ତ। ସେକ୍ସପିୟରଙ୍କ ନାଟକଗୁଡ଼ିକୁ ପଢ଼ିଲେ ସଂପ୍ରତି ବିଶ୍ୱର କିଛି ରାଷ୍ଟ୍ରନାୟକଙ୍କ କ୍ଷମତା-ଲାଳସା, ତୋଷାମୋଦପ୍ରୀତି, ଛଳନା, ଅସହିଷ୍ଣୁତା, ଅବିମୃଶ୍ୟକାରିତା, ଅପରିଣାମଦର୍ଶିତା କିଭଳି ସେମାନଙ୍କୁ ସମରବିଳାସୀ କରିଛି ଓ ସେମାନଙ୍କ ସମରବିଳାସରୁ ହିଂସା, ହତ୍ୟା, ରକ୍ତପାତର ବିଭୀଷିକା ସୃଷ୍ଟି ହୋଇଛି, ତାହା ଆମ ମନକୁ ସ୍ୱତଃ ଆସିଯାଏ । ବିବେକହୀନତା ଓ ବିଚାରଶୂନ୍ୟତାରୁ ସୃଷ୍ଟି ହୋଇଛନ୍ତି ଆତଙ୍କବାଦୀ, ସନ୍ତ୍ରାସବାଦୀମାନେ, ଯୁଦ୍ଧଖୋର୍ ରାକ୍ଷସମାନେ । ଦାର୍ଶନିକ ଇମାନୁଏଲ୍ କାଣ୍ଟ୍ ସେଥିପାଇଁ କହିଲେ, 'ଟ୍ରାନ୍‌ସେନ୍‌ଡେଣ୍ଟାଲ୍ ଆନାଲିଟିକ୍ ବା କନ୍‌ସେପ୍ଟ ଅଫ୍ ପିଓର୍ ଅଣ୍ଡରଷ୍ଟାଣ୍ଡିଂ (ବିଚାରବୋଧ)ର କଥା, ଟ୍ରାନ୍‌ସେନ୍‌ଡେଣ୍ଟାଲ୍ ଡାୟାଲେଟିକ୍ ବା କନ୍‌ସେପ୍ଟ ଅଫ୍ ପିଓର୍ ରିଜନ୍' (ବିବେକ)ର କଥା । ନିବନ୍ଧକାର ଚାର୍ଲ୍‌ସ୍ ମର୍‌ଗାନ୍ କହିଲେ, 'ପୃଥିବୀରେ ମଣିଷ ଜନ୍ମ ହୁଏ ଅନ୍ୟର ଜୀବନ ବିନାଶ କରିବା ପାଇଁ ନୁହଁ, ଅନ୍ୟର ଜୀବନ-ବିକାଶରେ ସହାୟତା କରିବା ପାଇଁ ।' ପରମାଣୁ ଶକ୍ତିର ଉଦ୍ଭାବକ ଆଲ୍‌ବର୍ଟ୍ ଆଇନ୍‌ଷ୍ଟାଇନ୍ କହିଲେ, 'ପରମାଣୁ ଶକ୍ତିରୁ ପରମାଣୁ ବୋମା ତିଆରି କର ନାହିଁ । ପରମାଣୁ ଶକ୍ତିକୁ ବିନିଯୋଗ କରି ମରୁଭୂମିକୁ ଶସ୍ୟଶ୍ୟାମଳ କର ଓ ଦୁରାରୋଗ୍ୟ ବ୍ୟାଧିର ଉପଶମ ନିମିତ୍ତ ଔଷଧ ପ୍ରସ୍ତୁତ କର ।'

ଏବେ ସମୟ ଆସିଛି ରାଷ୍ଟ୍ରନାୟକମାନେ ବିବେକ, ବିଚାରଶକ୍ତିକୁ ପ୍ରୟୋଗ କରିବା ପାଇଁ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାକୁ ମାନବଜାତିର ବିନାଶ ଉଦ୍ଦେଶ୍ୟରେ ନୁହଁ ବିକାଶ ଉଦ୍ଦେଶ୍ୟରେ ଉପଯୋଗ କରିବା ପାଇଁ, ବୋମା ତିଆରି ନକରି ବାସହୀନଙ୍କୁ ବାସ, ବସ୍ତ୍ରହୀନଙ୍କୁ ବସ୍ତ୍ର ଯୋଗାଇଦେବା ପାଇଁ, ଅସ୍ତ୍ର ତିଆରି କାରଖାନା ନିର୍ମାଣ ନକରି ନିରନ୍ନଙ୍କୁ ଅନ୍ନ ଦାନର ବ୍ୟବସ୍ଥା କରିବା ପାଇଁ । ଭବିଷ୍ୟତର ନାଗରିକ ଆଜିର ଶିଶୁ ବନ୍ଧୁକ ଚାହେଁ ନାହିଁ, ଚାହେଁ ବହି, କୃପାଣ ଚାହେଁ ନାହିଁ, ଚାହେଁ କଲମ, କ୍ଷେପଣାସ୍ତ୍ର ଚାହେଁ ନାହିଁ, ଚାହେଁ ଖାତା, ଯାହା ସାହାଯ୍ୟରେ ସେ ପଢ଼ି ଶିଖିବ, ଲେଖି ଶିଖିବ, ଆଖି ଖୋଲି ଗୋଟେ ସୁନ୍ଦର ବିଶ୍ୱକୁ ଦେଖିପାରିବ । ଶତ୍ରୁତା ଓ ସମର-ସରଣୀରେ ଶୋଣିତର ସ୍ରୋତ ବନ୍ଦ ହେବା ସେ ଚାହେଁ, ସେ ଦେଖିବାକୁ ଚାହେଁ ବିଶ୍ୱବନ୍ଧୁତ୍ୱର ବିପୁଳ ଦିଗନ୍ତରେ ଶାନ୍ତିର ଶାଶ୍ୱତ ଦୀପ୍ତି । ସେ ହବାକୁ ଚାହେଁ ଅମୃତର ଉଦ୍‌ବୋଧକ, ଉପାସକ ।

# ଗାଜାରେ ଦୁର୍ଭିକ୍ଷ



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)
ସମ୍ମାନ ଭବନ,
ଗାଙ୍ଗୋତ୍ରୀ ନଗର,ଶିଶୁପାଳଗଡ,
ମୋ-୭୯୭୮୬୬୬୪୦୩

ଇସ୍ରାଏଲ -ହମାସ ମଧ୍ୟରେ ଯୁଦ୍ଧ ମଧ୍ୟରେ ଗାଜା'ରେ ଦୁର୍ଭିକ୍ଷ ନେଇ ଜାତିସଂଘ ଏଜେନସ୍ ଘୋଷଣା କରିବା ନିଶ୍ଚିତ ଭାବେ ଏକ ବିରଳ ଘଟଣା। ଜାତିସଂଘ ସମର୍ଥିତ ଇଣ୍ଟିଗ୍ରେଡେଟ ଫୁଡ୍ ସିକ୍ୟୁରିଟ୍ ଫେଜ୍ କ୍ଲାସିଫିକେସନ୍(ଆଇପିସି)ର ୨୦ବର୍ଷର ଇତିହାସରେ ମାତ୍ର ୪ଥର ତଥା ୨୦୧୧ରେ ସୋମାଲିଆ,୨୦୧୭ ଓ ୨୦୨୦ରେ ଦକ୍ଷିଣ ସୁଦାନ ଏବଂ ୨୦୨୪ରେ ସୁଦାନରେ ଦୁର୍ଭିକ୍ଷ ଘୋଷଣା କରିଥିଲା। ଏବେ ଏହି ତାଲିକାରେ ଗାଜା ଯୋଡି ହୋଇଯାଇଛି। ଗଲା ୨୨ତାରିଖ ଦିନ ଗାଜା ଦୁର୍ଭିକ୍ଷ ପ୍ରପୀଡିତ ବୋଲି ଜାତିସଂଘ ଏଜେନସ୍ ଆଇପିସି ଘୋଷଣା କରିଛି। ୨୨ତାରିଖ ଦିନ ଆଇପିସି ପ୍ରକାଶ କରିଥିବା ରିପୋର୍ଟରେ କୁହାଯାଇଛି ଯେ, ଗାଜା ଉପରେ ଇସ୍ରାଏଲର ଆକ୍ରମଣ ଯୋଗୁଁ ଖାଦ୍ୟାଭାବ ଏବଂ ଅନାହାରରେ ଶିଶୁମାନେ ଅନ୍ତସାରଶୂନ୍ୟ କଙ୍କାଳମୟ, ଜୀର୍ଣ୍ଣଶିର୍ଣ୍ଣ ହୋଇପଡିଥିବା ସ୍ପଷ୍ଟ ଦୃଶ୍ୟମାନ ହେଉଛି। ଯାହାକି ପୁଷ୍ଟିହୀନତା ଓ ଅନାହାର ମୃତ୍ୟୁର କାରଣ ହୋଇଛି। ଗାଜାରେ ଦୁର୍ଭିକ୍ଷ ସମ୍ପୂର୍ଣ୍ଣ ମଣିଷକୃତ ବୋଲି ଜାତିସଂଘ ଘୋଷଣା କରିଛି। ଗତ ଜୁଲାଇ ମାସରେ ଜାତିସଂଘ ଚେତାବନୀ ଦେଇ ଘୋଷଣା କରିଥିଲା ଯେ, ଗାଜା'ର କେତେକ ଅଂଚଳରେ ଦୁର୍ଭିକ୍ଷ ଭଳି ପରିସ୍ଥିତି ଉପୁଜିଥିବା ଦେଖାଦେଇଛି। ପରିସ୍ଥିତିକୁ ନିୟନ୍ତ୍ରଣ କରିବା ଲାଗି ବର୍ତ୍ତମାନଠାରୁ ଯଦି ମୁକାବିଲା ପଦକ୍ଷେପ ଗ୍ରହଣ କରାନଯାଏ, ତେବେ ଦୁର୍ଭିକ୍ଷ ପଡିବା ସୁନିଶ୍ଚିତ। ଏବେ ଦୁର୍ଭିକ୍ଷ ଗାଜାରେ ବିରାଜମାନ କରିସାରିଛି ବୋଲି ଆଇପିସି ଘୋଷଣା କରିଛି। ଉଲ୍ଲେଖଯୋଗ୍ୟ ଯେ, ଗାଜା ବିରୁଦ୍ଧରେ ଇସ୍ରାଏଲର ଯୁଦ୍ଧକୁ ଇତି ମଧ୍ୟରେ ଆସନ୍ତା ଅକ୍ଟୋବର ୭ତାରିଖରେ ୩ବର୍ଷ ପୁରିବାକୁ ଯାଉଥିବାବେଳେ ବର୍ତ୍ତମାନସୁଦ୍ଧା ବୋମା ଓ ରକେଟ ମାଡରେ ୬୦ ହଜାର ଲୋକଙ୍କର ମୃତ୍ୟୁ ଘଟିଲାଣି। ମୃତକଙ୍କ ମଧ୍ୟରେ ଅଧିକାଂଶ ଶିଶୁ ଅନ୍ତର୍ଭୁକ୍ତ ଥିବା କୁହାଯାଏ। ଇସ୍ରାଏଲ ଗାଜା ଅବରୋଧ ଏବଂ ଲଗାତାର ବୋମାମାଡ ଜାରି ରଖିଥିବାବେଳେ ଶରଣାର୍ଥୀ ଶିବିର, ଖାଦ୍ୟପାଇଁ ଧାଡିରେ ଥିବା ଶିଶୁ, ମହିଳା, ବୃଦ୍ଧ, ହସ୍‌ପିଟାଲ ଏବଂ ଶିକ୍ଷାନୁଷ୍ଠାନ ଗୁଡିକୁ ଟାର୍ଗେଟ କରିଛି। ନିକଟରେ ଇସ୍ରାଏଲର ବୋମାମାଡରେ ୫ଜଣ ସାମ୍ବାଦିକଙ୍କର ମୃତ୍ୟୁ ଘଟିଥିଲା। ବର୍ତମାନ ସୁଦ୍ଧା ୧୯୨ଜଣ ସାମ୍ବାଦିକଙ୍କର ମୃତ୍ୟୁ ଘଟିଥିବା କୁହାଯାଏ। ଉଲ୍ଲେଖଯୋଗ୍ୟ ଯେ, ଇସ୍ରାଏଲର ଗାଜା ଅବରୋଧ ଏବଂ ଗାଜା ଦଖଲ ଅଭିଯାନ ଯୋଗୁଁ ଦୁର୍ଭିକ୍ଷ ପରିସ୍ଥିତି ଉପୁଜିଛି ବୋଲି ସ୍ୱୀକାର କରିବାକୁ ହେବ। ଆଇପିସିର ଦୁର୍ଭିକ୍ଷ ଘୋଷଣା ପରେ ଏବେ ଇସ୍ରଏଲର ପ୍ରଧାନମନ୍ତ୍ରୀ ବେଂଜାମିନ ନେତାନ୍ୟୁହଙ୍କ ଉପରେ ଯୁଦ୍ଧ ବନ୍ଦ ପାଇଁ ଆନ୍ତର୍ଜାତିକ ଚାପ ବଢିବାରେ ଲାଗିଛି। ମାତ୍ର ଦୁର୍ଭିକ୍ଷ ଅଭିଯୋଗକୁ ଇସ୍ରାଏଲ ବୈଦେଶିକ ପ୍ରତ୍ୟାଖ୍ୟାନ କରିବା ସହ ହମାସ୍‌ର ମିଛ ପ୍ରଚାର ବୋଲି କହିଛି। କିନ୍ତୁ ଆଇପିସି ଏକାକୀ ଦୁର୍ଭିକ୍ଷ ଘୋଷଣା କରିନାହିଁ। ଗତ ମାସରେ ଡକ୍ଟରସ ଉଦାଉଟ୍ ବର୍ଡର, ଅକ୍ସଫାମ, ଆମେଷ୍ଟି ଇଣ୍ଟରନ୍ୟାଶନାଲ ପରି ଶତାଧିକ ସଂସ୍ଥାପକ୍ଷରୁ ଇସ୍ରାଏଲ ଭୋକିଲାଙ୍କ ପାଇଁ ସହାୟତା ଯୋଗାଣକୁ ବାଧା ଦେଉଥିବା ନେଇ ଘୋଷଣା କରିଥିଲେ। ଆହୁରି ମଧ୍ୟ ଯୁଦ୍ଧ ଆରମ୍ଭ ହେବା ଦିନ ଠାରୁ ବର୍ତ୍ତମାନ ସୁଦ୍ଧା ଅନାହାରରେ ୨୦୦ରୁ ଉର୍ଦ୍ଧ୍ୱ ଲୋକ ଓ ପିଲାଙ୍କର ମୃତ୍ୟୁ ଘଟିଥିବା ଖାଦ୍ୟ ସ୍ୱାସ୍ଥ୍ୟ ଅଧିକାରୀମାନଙ୍କ ପକ୍ଷରୁ କୁହାଯାଇଛି। ସେହିପରି ଖାଦ୍ୟ ସହାୟତା ବଣ୍ଟନ ଶିବିରରେ ଇସ୍ରାଏଲର ଆକ୍ରମଣରେ ୧୩୦୦ରୁ ଉର୍ଦ୍ଧ୍ୱ ପାଲେଷ୍ଟାନୀୟଙ୍କ ମୃତ୍ୟୁ ଘଟିଥିବା କୁହାଯାଏ। ଏହା ନିସନ୍ଦେହ ଯେ, ଯୁଦ୍ଧ ବନ୍ଦ ପାଇଁ ଆନ୍ତର୍ଜାତିକ ଉଦ୍ୟମ କ୍ୱଚିତ ହୋଇଥିବାବେଳେ ଜାତିସଂଘ ନିରାପତା ପରିଷଦ ଏବଂ ସାଧାରଣ ପରିଷଦ ସମ୍ପୂର୍ଣ୍ଣ ବିଫଳ ହୋଇଛି। ଅନ୍ୟପକ୍ଷରେ ଗତ ସପ୍ତାହରୁ ଇସ୍ରାଏଲ ତାର ଲଢେଇକୁ ଆହୁରି ଯୋରଦାର କରିବା ସହ ଲଢୁଆ ବିମାନ, ଟ୍ୟାଙ୍କର ଗାଜା ସହରରେ ପ୍ରସ୍ତୁତ ରଖିଥିବା ରିପୋର୍ଟ ପ୍ରକାଶ ପାଇଛି। ଆହୁରି ମଧ୍ୟ ହମାସକୁ ସମ୍ପୂର୍ଣ୍ଣ ନିପାତ ଓ ପଣବନ୍ଦୀମାନଙ୍କୁ ଖଲାସ କରିଥିବା ସତ୍ତ୍ୱେ ଇସ୍ରାଏଲ ଏବେ ଛଳନାପୂର୍ଣ୍ଣ ଯୁଦ୍ଧ ଚଳାଇଥିବା କୁହାଯାଇପାରେ। ସେହିପରି ଓ୍ୱେଷ୍ଟବ୍ୟାଙ୍କରେ ଥିବା ୩୪୦୦ ନୂତନ ଆଶ୍ରୟ ଗୃହକୁ ଦଖଲ କରିବା ସେନାକୁ ଅନୁମତି ଦେଇଛି। ଓ୍ୱେଷ୍ଟ ବ୍ୟାଙ୍କରେ ହମାସର ଉପସ୍ଥିତି ନଥିବା ଜେନେଭା ସମ୍ମିଳନୀ ଓ ୟୁରୋପୀୟ ସମୁଦାୟ କହିଛି। ଏହା ନିସନ୍ଦେହ ଯେ, ଗାଜା ଅକ୍ତିଆର ଏବେ ଇସ୍ରାଏଲର ଲକ୍ଷ୍ୟ ହୋଇଛି। ଏହା ସତ୍ୟ ଯେ, ଇସ୍ରାଏଲକୁ ବିଶ୍ୱର ପ୍ରାୟ ସମସ୍ତ ରାଷ୍ଟ୍ର ବିରୋଧ କରୁଥିବାବେଳେ ଆମେରିକା ଉଦ୍ଦେଶ୍ୟମୂଳକ ସମର୍ଥନ ଜାରି ରଖିଛି। ଆମେରିକାର ନୀରବତା ହିଁ ଇସ୍ରାଏଲକୁ କେବଳ ଯୁଦ୍ଧ ପାଇଁ ଉତ୍ସାହିତ କରିନାହିଁ, ଗାଜାରେ ଦୁର୍ଭିକ୍ଷକୁ ଆମନ୍ତ୍ରଣ କରିଛି।

# ଓଡ଼ିଆର ସ୍ୱାଭିମାନ ପାଇଁ ବିକଳ୍ପ



ସତୀଶ ବିଶ୍ୱାଳ
ଭୁବନପୁର, ଧର୍ମଶାଳା,
ମୋ-୯୪୩୭୦୧୯୧୧୭

ସେତେବେଳେ ଭାରତ ବର୍ଷ ପରାଧୀନ ଥିଲା। ଭାରତବର୍ଷରେ ବ୍ରିଟିଶ ରାଜତ୍ୱରେ ଆମ ଦେଶବାସୀ ନିଜ ଜୀବନର ସବୁ ସ୍ୱାଧୀନତା ହରାଇ ଥିଲେ। ଆମ ଜମି, ସମ୍ପତ୍ତି, ଅଧିକାର, ସ୍ୱାଭିମାନ, ସମ୍ମାନ ସବୁକିଛି ବ୍ରିଟିଶ ସରକାର ନିକଟରେ ବନ୍ଧା ପଡିଥିଲା। ଏହା ସତ୍ତ୍ୱେ ବି ସେ ସମୟରେ ବ୍ରିଟିଶ ସରକାର ଖବର ପାଇଲେ ଯେ, ଓଡିଶା ଭୂମୀରେ ଗୋଟିଏ ବଡ ଲୋକ ଜାଗରଣ ଏବଂ ବିରାଟ ଗଣ ଆନ୍ଦୋଳନ ଦାନା ବାନ୍ଧୁଛି। କାରଣ ଥିଲା - ପଞ୍ଚମ ଜର୍ଜ ଭାରତ ଆସୁଛନ୍ତି। ପଞ୍ଚମ ଜର୍ଜଙ୍କ ବିରୋଧରେ ଅଗଣିତ ଓଡିଆ ସ୍ୱର ଉତ୍ତୋଳନ କରୁଛନ୍ତି। ହେ ଜର୍ଜ ତମେ ଓଡିଶାକୁ ଆସନାହିଁ। ଆଶ୍ଚର୍ଯ୍ୟ ହେଲେ ନିଜେ ପଞ୍ଚମ ଜର୍ଜ। ଗୋଟିଏ ଭୂମୀରୁ ଏତେବଡ ଜନଅସନ୍ତୋଷ କାହିଁକି ? ସେତେବେଳେ ପଞ୍ଚମ ଜର୍ଜଙ୍କ ଆଗମନରେ ଅନ୍ୟ ଜଣେ କବି ପଞ୍ଚମ ଜର୍ଜଙ୍କ ସ୍ତୁତି କରିବାକୁ ଲାଗିଲେ। ସେହି କବି ପଞ୍ଚମ ଜର୍ଜଙ୍କ ପ୍ରଶଂସାରେ ପ୍ରୟୋଗ କରିଥିବା ଶବ୍ଦ ସବୁ ଥିଲା ଅତୁଳନୀୟ। ଜଣେ ସାଧାରଣ ଦେଶପ୍ରେମୀ ମଣିଷ ପକ୍ଷରେ ଏହି ଶବ୍ଦ ଥିଲା ନିହାତି ଅସହ୍ୟ। ପଞ୍ଚମ ଜର୍ଜଙ୍କ ପାଇଁ ଅନ୍ୟ ଏକ ପ୍ରଦେଶର କବି ଏଭଳି ଚାଟୁକାରିତା କରୁଥିବା ବେଳେ ଓଡିଶାରେ ପଞ୍ଚମ ଜର୍ଜଙ୍କ ବିରୋଧରେ ମୁଣ୍ଡ ଟେକିଥିଲା ଗଣ ଆନ୍ଦୋଳନ।

ଏ ଗଣଆନ୍ଦୋଳନର ପ୍ରକୃତ କାରଣ ଥିଲା ଜଣେ ଓଡିଆ କବିଙ୍କ ଗୋଟିଏ କବିତା। ଉକ୍ତ କବିତାଟି ଥିଲା- 'ପଞ୍ଚମ ଜର୍ଜ ଅଟେ ଯେହି, ପାଞ୍ଚ ଇନ୍ଦ୍ରିୟ ଅଟେ ସେହି। ପଞ୍ଚମ ଜର୍ଜ ବିନାସିବା, ସ୍ୱଧାମେ ଆନନ୍ଦେ ରହିବା।' ଏ କଥାଟି ସମସ୍ତଙ୍କୁ ଭଲ ଲାଗିଲା। ସତରେ ତ ଇଏ ସେଇ ପଞ୍ଚମ ଜର୍ଜ ଯାହାଙ୍କ ପାଇଁ ମୋ ବାପା, ଯେଯବାପା ଏବଂ ଆଗାମୀ ଦାୟାଦ ମାନେ ସମସ୍ତେ ପରାଧୀନ ରହିଛନ୍ତି। ନା ଏହାଙ୍କ ବିରୋଧରେ ସ୍ୱର ଉଠାଇବାକୁ ପଡିବ। ଏ ଧାଡି ଗୋଟିଏ ଶାସ୍ତ୍ରର ଧାଡି। ଏ ଶାସ୍ତ୍ରର ନାମ- 'କଳି ଭାଗବତ'। ଏ କବିତାର ରଚୟିତା ଜଣେ କବି କି ବନ୍ଧୁକଧାରୀ ସିପାହୀ ନୁହନ୍ତି। ପ୍ରକୃତରେ ଜଣେ ସନ୍ଥ। ଯାହାଙ୍କ ଭିତରେ ଅଖଣ୍ଡ କବିତ୍ୱ ଥିଲା। ସେ ଥିଲେ କବି, ସାହିତ୍ୟିକ, ସମାଜ ସଂସ୍କାରକ, ସାଧକ ଓ ପ୍ରେମିକ -ଠାକୁର ଅଭିରାମ ପରମହଂସ। ଏପରିକି ଗୋଟିପୁଅ ନୃତ୍ୟକୁ ସାରା ଦେଶରେ ପ୍ରସାର କରିବା କ୍ଷେତ୍ରରେ ତାଙ୍କର ଅତୁଳନୀୟ ଅବଦାନ ଥିଲା।

ଯେତେବେଳ ପଞ୍ଚମ ଜଜଙ୍କ ବିରୋଧରେ ଏହି ଘଟଣା ଘଟିଲା ସେତେବେଳେ ମାଡ୍ରାସ ହାଇକୋର୍ଟ ଆପେ ଆପେ ଏ କବିତାର ରଚୟିତା ଠାକୁର ଅଭିରାମ ପରମହଂସଙ୍କ ନାମରେ ଗୋଟିଏ କେସ କଲା। ଏହି କେସର ବିଚାର କରୁଥିବା ବ୍ରହ୍ମପୁରର ମାଜିଷ୍ଟ୍ରେଟ ଆଶା କରିଥିଲେ - ବ୍ରିଟିଶ ବିରୋଧରେ ଏ ଲଢେଇ ଆରମ୍ଭ କରିଥିବା ଅଭିଯୁକ୍ତ ଜଣେ ସାଧୁ ସନ୍ଥ କି ସନ୍ୟାସୀ କିମ୍ବା ସାଧାରଣ ମଣିଷ ହୋଇ ନଥିବେ। ସିଏ ବିପ୍ଲବୀ କିମ୍ବା ବିଦ୍ରୋହୀ ହୋଇଥିବେ। ସମସ୍ତେ ଚାହିଁଛନ୍ତି କିଏ ସେ ବିପ୍ଲବୀ, ବିଦ୍ରୋହୀ। ହେଲେ ଯିଏ ଆସିଲେ ସେ ସାଧୁ ବସନ ଧାରୀ, ଧାଡିମୟ ମୁଖ ମଣ୍ଡଳ, ବଳିଷ୍ଠ ଶରୀର, ଶରୀରରୁ ଆଭା ବିକଶିତ ହେଉଛି। ମସ୍ତକ ମଣ୍ଡଳରେ ପ୍ରଭା ବିକଶିତ ହେଉଛି। ମାଜିଷ୍ଟ୍ରେଟ ତଥା ବିଚାରକ ଅଭିରାମଙ୍କୁ ପଚାରିଲେ ଆପଣଙ୍କ ଏ ବହିକୁ ଶଶୀଭୂଷଣ ରଥ ଛାପିଛନ୍ତି। ଏ ବହିରେ ଆପଣ ପଞ୍ଚମ ଜର୍ଜଙ୍କ ବିରୋଧରେ ଲେଖିଲେ କାହିଁକି ? ଆପଣ ଜଣେ ସାଧୁ, ସନ୍ଥ ହୋଇ ଏପରି କଲେ କାହିଁକି ? ହସିଦେଇ ଅଭିରାମ କହିଲେ ମୁଁ ସାଧୁ କାହାର ? ଜନମ ଦେଇଛି ମାଟି ମାଆ ମୋତେ। କଲ୍ୟାଣ କରିବି କାହାର ? ମୋ ମାଟିର ମଣିଷର । ସାଧୁ ହୁଅ କି ଡାକ୍ତର, ଇଂଜିନିୟର, କମାର କି ବଢେଇ, ନିରୀହ ଚାଷୀ ହୁଅ। ପ୍ରତ୍ୟେକଙ୍କ ଦାୟୀତ୍ୱ ନିଜ ଜାତିକୁ ନିଜ ମାଟିକୁ ନିଜ ସଂସ୍କୃତିକୁ ସ୍ୱାଧୀନ କରି ରଖିବା ଏବଂ ସ୍ୱାଧୀନତାକୁ ଉପଭୋଗ କରିବା। ରାଗି ଯାଇ ବିଚାରପତି କହିଥିଲେ, ଆଚ୍ଛା ଏଥିପାଇଁ ତୁମକୁ ଜେଲ ଯିବାକୁ ପଡିବ। ପୁଣି ହସିଦେଇ ଅଭିରାମ ଉତ୍ତର ଦେଇଥିଲେ ମୋ ଜାତିର ଠାକୁର ବି ଅସୁରଙ୍କ ବିନାଶ ପାଇଁ ଜେଲରେ ଜନମ ହୋଇଥିଲେ। ଜନମ ହେବା ପୂର୍ବରୁ ଜେଲରେ ନିଜର ଭାଇ ମାନଙ୍କୁ ହରାଇଥିଲେ। ଆଜି ଯଦି ମୋ ଦେଶ ପାଇଁ ମୋତେ ଜେଲ ଯିବାକୁ ପଡିବ, ତେବେ ମୁଁ ହସି ହସି ଜେଲ ଯିବି। ଏହି ସମୟରେ କୋର୍ଟ ପରିସରରେ ଉପସ୍ଥିତ ଓଡିଆ ମାନେ ଭାବ ବିହ୍ୱଳ ହୋଇ ଆଇନକୁ ଅମାନ୍ୟ କରି ଖୁବ ଜୋରରେ ହରିବୋଲ ହୁଳହୁଳି ଦେଲେ। ଅଭିରାମଙ୍କୁ ପ୍ରଥମେ ବ୍ରହ୍ମପୁର ଜେଲକୁ ପଠାଇ ଦିଆଗଲା। ଏହାପରେ ଅଭିରାମଙ୍କୁ ପଠାଇ ଦିଆଗଲା ରାଜମହେନ୍ଦ୍ରି ଜେଲକୁ। ଏ ଥିଲା ଅଭିରାମ ପରମହଂସଙ୍କ ତାରୁଣ୍ୟ। ଅସମ୍ଭବ ଦେବତ୍ୱର ଅଧିକାରୀ ଏହି ମହାନ ବ୍ୟକ୍ତି ପରେ ଲୋକଙ୍କ ନିକଟରେ ଠାକୁର ଭାବରେ ମର୍ଯ୍ୟାଦା ପାଇ ଠାକୁର ଅଭିରାମ ପରମହଂସର ହୋଇଥିଲେ। ସେ ଜଣେ ସାଧୁ , ସନ୍ଥ, ଲେଖକ, ସମାଜ ସଂସ୍କାରକ ଏବଂ ସ୍ୱାଧୀନତା ସଂଗ୍ରାମୀ ଥିଲେ। ତାଙ୍କ ଜନ୍ମର ୩୦୦ ବର୍ଷ ପୂର୍ବରୁ ମହାପୁରୁଷ ଅଚ୍ୟୁତାନନ୍ଦ ତାଙ୍କର ଜନ୍ମକୁ ନେଇ ଭବିଷ୍ୟବାଣୀ ମଧ୍ୟ କରିଥିଲେ। ତାଙ୍କର ପ୍ରତ୍ୟେକ ଭଜନ ଗାଁ ଗଣ୍ଡାରେ ଅପୂର୍ବ ପବିତ୍ର ଆଧାତ୍ମିକ ପରିବେଶ ସୃଷ୍ଟି କରୁଥିଲା। ଜଣେ କଠୋର ମଣିଷର ହୃଦୟ ମାନବିକତା ଓ ଆଧାତ୍ମିକତାପୂର୍ଣ୍ଣ ହୋଇ କୋମଳ କରିବାକୁ ସକ୍ଷମ ହେଉଥିଲା।

ଯେତେ ଦାଉ ଧକ୍କା ଆସିଲେ ବି ଏ ଜାତି ତାର ସ୍ୱାଭିମାନକୁ ବଳି ପକାଇ ନାହିଁ। ଏପରିକି ନ ଅଙ୍କ ଦୁର୍ଭିକ୍ଷରେ ଅନାହାର ପାଇଁ କୁଢ କୁଢ ଶବ ଭିତରେ ବି ଏ ଜାତି ତାର ସ୍ୱାଭିମାନକୁ ହରାଇ ନାହିଁ। ଶ୍ରୀ ଜଗନ୍ନାଥ ମହାପ୍ରଭୂଙ୍କ ଷାଠିଏ ପଉଠି ଚାଉଳ ଖାଇ ଦରମରା ନରକଙ୍କାଳ ସାର ଓଡିଆ ଜାତି ବଂଚି ଯିବାକୁ ତତ୍କାଳୀନ ଇଂରେଜ ଶାସକ ଓ୍ୱାଲଟିୟରଙ୍କ ପରାମର୍ଶକୁ ପଦାଘାତ କରିଛି। ଆମେ ପଛେ ମରିଯିବୁ ହେଲେ ଆମ କାଳିଆ ଧନ, ଆମ ଜାତିର ଜୀବନ ଶ୍ରୀ ଜଗନ୍ନାଥ ଉପାସ ରହିବ ନାହିଁ ବୋଲି ରୋକଠୋକ ଜବାବ ଦେଇଛି।

ଆଜି ସ୍ୱାଧୀନ ରାଷ୍ଟ୍ରରେ ଓଡିଶାର ଗତି କୁଆଡେ। ଶାସକ ଠାରୁ ଠିକ ଶାସନ ମିଳୁନାହିଁ। ବିରୋଧୀ ଦଳ ରାଜ୍ୟର ସ୍ୱାର୍ଥ ପାଇଁ ଠିକଣା ବିରୋଧ କରୁନାହିଁ। ୨୪ ବର୍ଷର ଶାସନରେ ଓଡିଆ ଅସ୍ମିତା ଓ ସ୍ୱାଭିମାନ ବିପର୍ଯ୍ୟସ୍ତ ବୋଲି ସ୍ୱର ଉଠାଇ ନୂଆ ସରକାର କ୍ଷମତାକୁ ଆସିଲା। ଏହି ଅସ୍ମିତା ଓ ସ୍ୱାଭିମାନ ହେଉଛି ଗୋଟିଏ ଜାତିର ପରିଚୟ, ଜୀବନ। ହେଲେ କାହା ପାଇଁ ହୋଇଥିଲା ଏହି ଅସ୍ମିତା ଓ ସ୍ୱାଭିମାନ ବିପର୍ଯ୍ୟସ୍ତ ? ଏତେବଡ ଜାତିର ଛାତିର କଳିଜାରେ କିଏ ହାତ ମାରିଥିଲା ? ଏହି ଆଧାରରେ ହୋଇଥିବା ପରିବର୍ତ୍ତନ ପରେ ସରକାର ପାଖରେ ଏହାର ଉତ୍ତର ନାହିଁ। ଏଥିନେଇ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ଦେଶର ବଡ ଭ୍ରଷ୍ଟାଚାର ଓ ଲୁଟର ସଂକେତ ହୋଇ ପାରାଦ୍ୱୀପର ସମୁଦ୍ରରେ ଏବେ ବି ବୁଡି ରହିଥିବା ବ୍ଲାକରୋଜ ଜାହାଜ ସରକାରଙ୍କ ଦେଶପ୍ରେମକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଏହି ଜାହାଜରେ ଓଡିଶା ମାଆ ମାଟିର ଛାତି ଚିରି ତା ଭିତରେ ଥିବା କୋଟି କୋଟି ଟଙ୍କାର ଖଣିଜ ପଦାର୍ଥ ଲୁଟ ହେଉଥିଲା। ଗତ ୨୪ ବର୍ଷରେ ଏଭଳି ଅନେକ ପ୍ରସଙ୍ଗ ମାଟି କାମୁଡିଲେଣି। ଏଣେ ପ୍ରମୁଖ ବିରୋଧୀ ଦଳ ବିଜୁ ଜନତା ଦଳର ସରକାରଙ୍କ ପ୍ରତି ଆଭିମୁଖ୍ୟ ମଧ୍ୟ ସରକାରକୁ ପ୍ରତିବନ୍ଧକ ସୃଷ୍ଟି କରୁନାହିଁ। କଂଗେସକୁ ଲୋକେ ଖୋଜୁଥିବା ବେଳେ ପ୍ରଦେଶ କଂଗ୍ରେସ ସଭାପତିଙ୍କ ଶତଚେଷ୍ଟା ସତ୍ତ୍ୱେ କଂଗ୍ରେସ ଉଠୁନାହିଁ। ସରକାର ଓ ବିରୋଧୀ ଦଳର ଏଭଳି ଜଟିଳ ଭୂମିକା ରାଜ୍ୟ ତଥା ଗଣତନ୍ତ୍ର ପାଇଁ ବଡ ବିପତ୍ତିକୁ ଆହ୍ୱାନ କରୁଛି।

ସେଦିନ ଅଭିରାମ ପରମହଂସଙ୍କ ପଦିଏ କବିତା ଏ ଜାତିକୁ ଇଂରେଜ ବିରୋଧରେ ଠିଆ କରାଇ ଥିଲା। ଇଂରେଜ ସରକାରର ବୁକୁ ଥରାଇ ଦେଇଥିଲା। ଅତ୍ୟାଚାରୀ ଇଂରେଜଙ୍କ ବିରୋଧରେ ବହୁ ଦୃଷ୍ଟାନ୍ତ ମଧ୍ୟରୁ ଏକା ଏକ ନମୁନା ମାତ୍ର। ନ ଅଙ୍କ ର୍ଦୁଭିକ୍ଷର କୁଢ କୁଢ ଶବ ଓ ଭୋକିଲାଙ୍କ ଆର୍ତ୍ତ ଚିତ୍କାର ଭିତରେ ବି ସାଧାରଣ ଓଡିଆ ଲୋକେ ନିଜ ସ୍ୱାଭିମାନକୁ ଭୁଲି ନଥିଲେ। ନ ଅଙ୍କ ଦୁର୍ଭିକ୍ଷରେ ବି ବିବେକ ହରାଇ ନଥିବା ଏ ଜାତିଟା ଆଜି ସ୍ୱାଧୀନ ରାଷ୍ଟ୍ରରେ ନିଜର ଚେତନାକୁ ନେଇ କେବଳ ଘାଣ୍ଟି ହେଉଛି। ହେଲେ ଏଭଳି ଅବସ୍ଥାରେ ସମାଜର ଦିଗଦ୍ରଷ୍ଟା ସାଜି ଉଭୟ ରାଜନୈତିକ ଦଳର ନେତାମାନେ ଚୁପ ବସି ରହିଛନ୍ତି। ଇତିହାସ ବଡ ନିଷ୍ଠୁର। ପ୍ରତ୍ୟେକଙ୍କୁ ଠିକଣା ମର୍ଯ୍ୟାଦା ଦେବାରେ ତିଳେ ହେଲେ ଅବହେଳା କରିବ ନାହିଁ। କେବଳ ସମ୍ପତ୍ତି ଓ କ୍ଷମତା ପାଇଁ ସ୍ୱାଭିମାନକୁ ଜଳାଞ୍ଜଳି ଦେଇଥିବା ଅପଦାର୍ଥ, ସ୍ୱାର୍ଥପର ନେତାଙ୍କ ପାଇଁ ଇତିହାସ ତାର ପୃଷ୍ଠା ପ୍ରସ୍ତୁତି କରି ସାରିଛି। ବଂଶବାଦ ବ୍ୟବସ୍ଥାରେ ଆସି ନଥିଲେ ମଧୁବାବୁ କିମ୍ବା ବିଜୁବାବୁ। କେହି ପ୍ରଭାବଶାଳୀ ନେତା ମଧ୍ୟ ଏଭଳି ନେତୃତ୍ୱଙ୍କୁ ଲୋକଙ୍କ ଉପରେ ଥାପି ଦେଇ ନଥିଲେ। ଏମାନେ ନିଜେ ଥିଲେ ନିଜର ବ୍ରାଣ୍ଡ। ଓଡିଆର ସ୍ୱାଭିମାନ ପାଇଁ ଲଢେଇ କରିବାକୁ ପୁଣି ମଧୁବାବୁ ଏବଂ ବିଜୁବାବୁଙ୍କ ପରି ନେତାଙ୍କୁ ଏ ଜାତିଟା ଅପେକ୍ଷା ରଖିଛି। ରାଜ୍ୟର ସ୍ୱାର୍ଥ, ଓଡିଆ ଅସ୍ମିତା ଓ ସ୍ୱାଭିମାନ ପାଇଁ ଏକ ବୈପ୍ଳବିକ ସ୍ୱରକୁ ଓଡିଶା ଅପେକ୍ଷା ରଖିଛି। ଯଦି ସରକାର ଏବଂ ବିରୋଧୀ ନିଜ ସ୍ୱାର୍ଥ ପାଇଁ ଏକାଠି ତେବେ ରାଜ୍ୟର ସ୍ୱାର୍ଥ ଓ ସ୍ୱାଭିମାନ ପାଇଁ ବିକଳ୍ପ ତଥା ତୃତୀୟ ଶକ୍ତି କେତେ ଆବଶ୍ୟକ ତାହା ଏବେ ବଡ ପ୍ରସଙ୍ଗ ହୋଇଛି।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

# ପିଲାଙ୍କ ମହାଭାରତ-୫୧



ନିତ୍ୟାନନ୍ଦ ପଣ୍ଡା

## ବିନ୍ଧ୍ୟପର୍ବତ ମଥା ନୁଆଁଇଲା-୨



ବର୍ତ୍ତମାନ ବ୍ରାହ୍ମଣ ଅଗସ୍ତ୍ୟ ଅସୁର ଇଲ୍ୱଳଙ୍କର ଅତିଥି ।

ଇଲ୍ୱଳ ଆନନ୍ଦିତ । ଆଜି ଗୋଟିଏ ଶ୍ରେଷ୍ଠ ବ୍ରାହ୍ମଣ ମରିବ ।

ଇଲ୍ୱଳ ପୁରୁଣା ଅଭ୍ୟାସ ଅନୁସାରେ କାର୍ଯ୍ୟକଲା । ବାତାପି ଛେଳି ହେଲା ଓ ଛେଳିର ମାଂସ ରନ୍ଧା ହେଲା । ଅଗସ୍ତ୍ୟଙ୍କୁ ପରଶି ଦିଆଗଲା ଛେଳିର ମାଂସ ।

ପୂର୍ଣ୍ଣ ଭୋଜନ କଲେ ଅଗସ୍ତ୍ୟ ।

ବର୍ତ୍ତମାନ ବ୍ରାହ୍ମଣ ଅଗସ୍ତ୍ୟ ମରିବ । ଇଲ୍ୱଳ ମନ୍ତ୍ରଶକ୍ତି ପ୍ରୟୋଗ କରି ଡାକିଲା- ହେ ବାତାପି ... ବାହାରି ଆସ ବାତାପି ....

ଅଗସ୍ତ୍ୟ ଜାଣିପାରିଲେ ଇଲ୍ୱଳର ଚକ୍ରାନ୍ତ । ସେ ପେଟରେ ହାତବୁଲେଇ କହିଲେ- ଓ ବାତାପି, ତୁମେ ସହସା ହଜମ ହୋଇଯାଅ !

...ହେ ବାତାପି.... ଯେଉଁଠି ଅଛ ବାହାରିଆସ- ବାତାପି... ବିଚଳିତ ଇଲ୍ୱଳ ଡାକୁଥିଲା ବାରବାର କିନ୍ତୁ ବାତାପି ଆସୁନଥିଲା ।

ଅଗସ୍ତ୍ୟ କୋମଳ ଭାବେ ହସିଲେ । କହିଲେ- ବାତାପି ଆଉ ଫେରିବ ନାହିଁ । ସେ ହଜମ ହୋଇ ମୋ ଦେହରେ ମିଳେଇ ଗଲାଣି ।

ଅସୁର ରାଜା ଇଲ୍ୱଳ ଅଗସ୍ତ୍ୟଙ୍କର ଶରଣ ପଶିଲା । ଏବଂ ଅଗସ୍ତ୍ୟଙ୍କର ଯେତେ ଯାହା ସଂପଦ ଆବଶ୍ୟକ ଥିଲା ସେ ଯୋଗେଇଦେଲା । ଲୋପାମୁଦ୍ରା ତାହାହିଁ ଋହୁଁଥିଲେ ।

"ତୁମେ କ'ଣ ଋହୁଁଚ ? ଦଶଜଣ ଉତ୍ତମ ପୁତ୍ର ନା ଦଶଜଣ ଉତ୍ତମ ପୁତ୍ରଙ୍କ ଗୁଣ ବହନ କରୁଥିବା ଗୋଟିଏ ପୁତ୍ର ?"- ଲୋପାମୁଦ୍ରାଙ୍କୁ ପଋରିଲେ ଅଗସ୍ତ୍ୟ ।

"ଦଶଜଣ ଉତ୍ତମ ପୁତ୍ରଙ୍କ ଗୁଣ ବହନ କରୁଥିବା ଗୋଟିଏ ପୁତ୍ର ।"- କହିଲେ ଲୋପାମୁଦ୍ରା ।

ଏକଦା ବିନ୍ଧ୍ୟପର୍ବତ ମେରୁ ପର୍ବତ ପ୍ରତି ଈର୍ଷ୍ୟା ପରାୟଣ ହୋଇ ଉଚ୍ଚତାରେ ବଢ଼ିବାକୁ ଲାଗିଲା । ଉଦ୍ଦେଶ୍ୟ, ସୂର୍ଯ୍ୟ, ଚନ୍ଦ୍ର ଓ ଗ୍ରହମାନଙ୍କର ଗତିପଥ ବନ୍ଦ କରିଦେବ । ଦେବତାମାନେ ମହା ଚିନ୍ତାରେ ପଡ଼ିଲେ । ଅନ୍ୟ ଉପାୟ ନଦେଖି ସେମାନେ ଅଗସ୍ତ୍ୟଙ୍କର ସାହାଯ୍ୟ ଲୋଡ଼ିଲେ । ଅଗସ୍ତ୍ୟ ସମସ୍ୟାଟି ବୁଝିଲେ ଓ ସାହାଯ୍ୟ କରିବା ପାଇଁ ପ୍ରତିଶୃତି ଦେଲେ ।

ବିନ୍ଧ୍ୟ ପର୍ବତ ପାଖରେ ପହଞ୍ଚିଲେ ଅଗସ୍ତ୍ୟ ।

ବିନ୍ଧ୍ୟ ତାଙ୍କୁ ଭକ୍ତି କରନ୍ତି ବୋଲି ସେ ଜାଣିଥିଲେ ।

ଅଗସ୍ତ୍ୟ କହିଲେ, "ହେ ପର୍ବତ ଶ୍ରେଷ୍ଠ ! ମୁଁ ଦକ୍ଷିଣକୁ ଯାତ୍ରା କରୁଛି । ଦକ୍ଷିଣରୁ ଫେରି ପୁଣି ଉତ୍ତରକୁ ଆସିବି । ସେପର୍ଯ୍ୟନ୍ତ ତୁମେ ଉଚ୍ଚତାର ବୃଦ୍ଧିକୁ ସ୍ଥଗିତ ରଖ । ମୁଁ ଉତ୍ତରକୁ ଆସିବା ପରେ ପୁଣି ଯେମିତି ବଢୁଥିଲ ସେମିତି ବଢ଼ିବ ।

"ଯଥା ଆଜ୍ଞା !"- ମଥା ନୁଆଁଇ ବିନ୍ଧ୍ୟ ସମ୍ମାନ ଜଣାଇଲେ ।

ଅଗସ୍ତ୍ୟ ଦକ୍ଷିଣକୁ ଅବଶ୍ୟ ଗଲେ କିନ୍ତୁ ଆଉ ଫେରିଲେ ନାହିଁ ।

ସେହିଦିନରୁ ବିନ୍ଧ୍ୟ ପର୍ବତର ବୃଦ୍ଧି ବନ୍ଦ ରହିଛି । ସେ ଅପେକ୍ଷା କରିଛି, ଗୁରୁ ଅଗସ୍ତ୍ୟ କେଉଁଦିନ ଫେରିବେ ।

କିନ୍ତୁ ଅଗସ୍ତ୍ୟ ଦକ୍ଷିଣରେ ରହିଗଲେ । ଆଉ ଫେରିନାହାଁନ୍ତି ।

ଆସ ମନେରଖିବା :

୧) ଋଷି ଅଗସ୍ତ୍ୟ ଜଣେ ବୈଦିକ ଋଷି । ସେ କାଳର ଆଠଜଣ ସିଦ୍ଧ ଋଷିଙ୍କ ମଧ୍ୟରେ ଅନ୍ୟତମ । ତାଙ୍କର ପିତା ଦେବତା ମିତ୍ରା-ବରୁଣ ଓ ମାତା ଉର୍ବଶୀ (ଅନ୍ୟ ମତରେ ପିତା ପୁଲସ୍ତ୍ୟ) । ଯଜ୍ଞ କରୁଥିଲେ ମିତ୍ରା-ବରୁଣ । ପ୍ରକଟ ହେଲେ ଉର୍ବଶୀ । ଅଗସ୍ତ୍ୟଙ୍କ ଜନ୍ମ ମାତୃଗର୍ଭରୁ ନହୋଇ ଏକ ମାଟିକୁମ୍ଭରୁ ହୋଇଥିଲା । ତେଣୁ ତାଙ୍କର ଅନ୍ୟନାମ କୁମ୍ଭଯୋନୀ ।

୨) ଅଗସ୍ତ୍ୟ ଓ ଲୋପାମୁଦ୍ରା ଋକ୍‌ବେଦର କେତେ ମଣ୍ଡଳ ରଚନା କରିଥିଲେ । ତା'ଛଡା ବରାହ ପୁରାଣ ଅନ୍ତର୍ଗତ 'ଅଗସ୍ତ୍ୟଗୀତା' ଏବଂ ସ୍କନ୍ଦପୁରାଣ ଅନ୍ତର୍ଗତ 'ଅଗସ୍ତ୍ୟ ସଂହିତା'ର ରଚୟିତା ଅଗସ୍ତ୍ୟ । ଦକ୍ଷିଣ ଭାରତରେ, ବିଶେଷକରି ତାମିଲନାଡୁରେ ଅଗସ୍ତ୍ୟ ମନ୍ଦିର ରହିଛି । ତାମିଲ ବ୍ୟାକରଣର ଜନକ ଅଗସ୍ତ୍ୟଙ୍କୁ କୁହାଯାଏ । **(କ୍ରମଶଃ ...)**

*ନରଣପୁର, କୋଦଣ୍ଡପୁର*
*ଯାଜପୁର ଟାଉନ୍- ୭*
*ମୋ- ୮୨୪୯୭୯୩୩୦୮*

# ମାଆ ପାଦେ ମନ ଥାଉ



*ଜଗଦୀଶ ସାହୁ*



ପଶୁରାଜ ସିଂହ ଚଢ଼ି ମାଆ ଆସୁଛି
ଯବା ଜୁଇ ଜାଇ କଢ଼ି ଫୁଟି ବାସୁଛି
ସବୁଜ ଶାଢ଼ିରେ ତୋରା ଧରା ଆମର
ରୂପେ କାଶତଣ୍ଡି ଗୋରା ଢାଳେ ଚାମର
ନିରିମଳ ମନଲୋଭା ନୀଳ ଗଗନ
ଜଳେ ପଦ୍ମ କଇଁ ଶୋଭା ଧୀର ପବନ
ଶୀତଳ ଜୋଛନା ଶଶି ଢାଳେ ହରଷେ
ସତେ କିବା ମାଆ ହସି କୃପା ବରଷେ
ଗାଆଁ ଭୂଇଁ ଗିରି ବନ ଲାଗେ ସରସ
ଚାହେଁ ଭକତର ମନ ମାଆ ପରଶ
ସୁଖ ଶାନ୍ତି ଖେଳିଯାଉ ସାରା ଜଗତ
ମାଆ ଲାଗି ହସୁଥାଉ ଏଇ ମରତ ।

*ସଂଜପଡା, ହିନ୍ଦୋଳ, ଢେଙ୍କାନାଳ-୭୫୯୧୨୮*
*ମୋ-୯୦୭୮୧୮୫୬୧୬*



# ଦେବଶିଳ୍ପୀ ବିଶ୍ୱକର୍ମା...

**ଜୟନ୍ତ କୁମାର ମଲ୍ଲିକ୍**

ଦେବଶିଳ୍ପୀ ବିଶ୍ୱକର୍ମା ଯେ ଅଟନ୍ତି
ଶ୍ରେଷ୍ଠ କାରିଗରେ ଗଣା
ସକଳ ନିର୍ମାଣ କଳା କଉଶଳ
ତାଙ୍କୁ ଭଲ ଭାବେ ଜଣା
ବ୍ରହ୍ମାଙ୍କ ଆଦେଶେ ସୁନ୍ଦର ବିଶ୍ୱକୁ
ସରଜି ଅଛନ୍ତି ସେତ
ତାଙ୍କରି ନାମରେ ଉଡ଼େ ଫରଫର
ନବ ନିର୍ମାଣର କେତ,
ଗଜ ବାହନରେ ବସିଣ ଆନନ୍ଦେ
କରିଥାନ୍ତି ସେତ ଗସ୍ତ
ଅପସଂସ୍କୃତିର ଅନ୍ଧାରୀ ରାଜତ୍ୱ
ତାଙ୍କ ପାଇଁ ହୁଏ ଅସ୍ତ,
ଶିଳ୍ପ ପ୍ରତିଷ୍ଠାନ ମଧ୍ୟରେ ଭକତେ
ତାହାଙ୍କୁ ତ ପୂଜିଥାନ୍ତି
ପରିବ୍ୟାପ୍ତ ସାରା ସଂସାର ନିର୍ମାଣେ
ମନ ସଦା ରଖିଥାନ୍ତି ।

*ଶୃଙ୍ଗେଶ୍ୱରଚ୍ଛି,ନନ୍ଦିପୁର,ଦଶରଥପୁର,ଯାଜପୁର*
*ମୋ- ୯୪୩୭୮୬୫୭୨୭*

# କାହିଁକି ହୁଏ

*ବିଜୟଲକ୍ଷ୍ମୀ ପାଣିଗ୍ରାହି*

କାହିଁକି ହୁଏ
ବର୍ଷା ଦିନରେ
ମେଘୁଆ ଆକାଶେ
ସୁରୁଜ ଦେଖାନଯାଏ ।
କାହିଁକି ହୁଏ
ବର୍ଷା ପଡିଲେ
ଚଷାଭାଇ ବିଲେ
ଲସର ପସର ଧାଏଁ ।
କାହିଁକି ହୁଏ
ଦିନରାତି ପକ୍ଷୀ
ବର୍ଷାରେ ଭିଜୁଛି
ଜର ତା' ଦେହେ ନ ଥାଏ ।
କାହିଁକି ହୁଏ
ଟିଭି ଭିତରରେ
ପଶିଯାଇ ପାଣି
ଛବି ତ ଦିଶୁ ନ ଥାଏ ।
କାହିଁକି ହୁଏ
ଇସ୍କୁଲ ଯିବା ଆସିବା ସମୟେ
ବରଷା କଚାଡ଼ି ଦିଏ ।

*ଶିକ୍ଷୟିତ୍ରୀ, ଜୟପୁର, କୋରାପୁଟ*
*ମୋ- ୮୨୪୯୪୫୦୦୫୦*



# ହସିବ ଓଡ଼ିଶା ଭୂଇଁ



**ପ୍ରଫୁଲ୍ଲ କୁମାର ସାହୁ**

ଆମ ପରିବେଶ ଆମରି ହାତରେ
ଗଢ଼ିଦେବା ଆମେ ଭାଇ,
ମାଟି ମାଆ ହେବ ସବୁଜ ସୁନ୍ଦର
ହସିବ ଓଡ଼ିଶା ଭୂଇଁ ।୧।

ମଣିଷ ଟିଏକୁ ଗଛଟିଏ ଯଦି
ଲଗାଇବା ମାଟି ପରେ,
ଖରାର ପ୍ରକୋପ ଧରଣୀ ବୁକୁରୁ
ହଟି ଚାଲିଯିବ ଦୂରେ ।୨।

ସମୟକୁ ଜଗି ହୋଇବ ବରଷା
ଆକାଶୁ ଝରିବ ପାଣି,
ଚଷା ପୁଅ ଚାଷ କରିବ ଖୁସିରେ
ମାଟି ମାଆ ମନ ଜାଣି ।୩।

ପଡ଼ିଆ ବାଡ଼ିରେ ଲଗାଇବା ଗଛ
ସବୁ କାମ କରି ପଛ,
ଆମ ଯତନରେ ଗଛ ବଢ଼ିଗଲେ
ସୁସ୍ଥ ହେବ ପରିବେଶ ।୪।

ଆମ ଭବିଷ୍ୟତ ଆମରି ହାତରେ
ନ କରିବା ଅନ୍ଧକାର,
ସବୁଜ ସୁନ୍ଦର ହୋଇଲେ ଧରଣୀ
ବିପଦ ହୋଇବ ଦୂର ।୫।

*ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ଶକ୍ତି ବିହାର/ବାଲିପଡ଼ା, ଗୌଡ଼ଗୋପ,*
*ନିଶ୍ଚିନ୍ତକୋଇଲି, କଟକ-୭୫୪୨୦୭*
*ମୋ-୭୬୦୯୦୪୪୩୮୩*

# ସିଏ ପରା ଏକା ସାହା

*ଶରତ କୁମାର ଦାସ*



ପବନରେ ସିଏ ବରଷାରେ ସିଏ
ଫୁଲେଫଳେ ଅଛି ସିଏ,
ଆଲୋକରେ ସିଏ ଅନ୍ଧାରରେ ସିଏ
ତା' ପରିକା ଆଉ କିଏ !

ଜହ୍ନରେ ବି ସିଏ ତାରାମେଳେ ସିଏ
ଚାରିଆଡ଼େ ପୁଣି ସିଏ,
ନଥାଉ ପଛକେ ହାତ ଦୁଇ ତା'ର
ସଭିଙ୍କୁ କୋଳେଇ ନିଏ ।

ନାହିଁ ଗୋଡ଼ ତା'ର ଚାଲୁଥାଏ ଧାଇଁ
ରହି ସିଏ ଆଗେଆଗେ,
ଦେଖିପାରନ୍ତିନି କେହି ତାକୁ, ହେଲେ
ସେ ତ ଦେଖୁଥାଏ ବାଗେ ।

ସିଏ ହିଁ ସୁନ୍ଦର ସିଏ ହିଁ ସୁନ୍ଦର
ସକଳ ପରାଣେ ସିଏ,
ତା' ବିନା ସଂସାର ଲାଗେ ତ ଅସାର
ଦୁଃଖ ନେଇ ସୁଖ ଦିଏ ।

ନଚାହିଁଲେ ସିଏ ହଲେନା ପତର
କଅଁଳେନି ଦୂବଘାସ,
ସଦା ପାଖେ ଥାଇ ଦେଖାଏ ସେ ବାଟ
ବିପଦକୁ କରେ ନାଶ ।

ତାଆରି ଇଚ୍ଛାରେ ଭାରି ପଥର ବି
ଭାସଇ ଗଭୀର ଜଳେ,
ଛୋଟାଟିଏ ସିନା ପାହାଡ଼କୁ ଟପେ
ତାଆରି ଆଶିଷ ବଳେ ।

ନିରିମଳ ମନେ ଡାକ ତାକୁ ଥରେ
ତା' ନାମ ତୁଣ୍ଡରେ ଧରି,
ତା' ପାଦେ ନିଜକୁ ସମରପି ଦେଲେ
ଦେବ ସିଏ ଖୁସି ଭରି ।

ସେ ଆମ ଶକତି ସେ ଆମ ଭକତି
ସବୁତ ଭିଆଣ ତା'ର,
ସିଏ ଆଦିମୂଳ ଶରଣ ରକ୍ଷକ
ତୁଳନା ନାହିଁଟି ଯା'ର ।

ତା' ରୂପ ଚାହାଣି ଏତେ ମନଲୋଭା
ଦେଖିଦେଲେ ଲାଖେ ଆଖି,
ସେ କଳାମୂରତି ଜୀବନର ସାଥୀ
ସକଳ କାମର ସାକ୍ଷୀ ।

ଜନମ ଦେଇଛି ମରଣ ଲେଖିଛି
ସିଏ ପରା ଏକା ସାହା,
ତା' ଦୟା ନଥିଲେ ଏଇ ଦୁନିଆରେ
ମିଳିବନି ଟିକେ ରାହା ।

*ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ, ବଡ଼ବିଲ ମହାବିଦ୍ୟାଳୟ, ବଡ଼ବିଲ, କେନ୍ଦୁଝର*
*ମୋ-୮୨୪୯୧୩୭୦୯୧*



# ଶାରଦୀୟ ପୂଜା ଆରମ୍ଭ ହେଲା

*ନିରଞ୍ଜନ ସାହୁ*

ଶାରଦୀୟ ପୂଜା ଆରମ୍ଭ ହେଲା
ପୀଠରେ ମାଆଙ୍କ ଦୁଆର ମେଲା
ଷୋଳ ଦିବସୀୟ ପୂଜା
ମହାଆଡ଼ମ୍ବରେ ବିବିଧ ବେଶରେ
ବିରାଜିବେ ଦଶଭୁଜା ।

ମଙ୍ଗଳ ବାଇଦ ବାଜଇ ଯହିଁ
ଚଣ୍ଡୀପାଠ ହୁଏ ଉଚ୍ଚରେ ତହିଁ
ଭକତଙ୍କ ଭିଡ଼ ଲାଗେ
ଭଜନ, ଜଣାଣ, ସଂକୀର୍ତ୍ତନ ଗାଇ
ଭକତ କରୁଣା ମାଗେ ।

ଷୋଳ ଉପଚାର ଦରବ ନେଇ
ମାଆଙ୍କ ପୟରେ ଚିତ୍ତକୁ ଦେଇ
ଭକତ କରଇ ଭକ୍ତି
ନବରାତ୍ର କାଳେ ନବଦୁର୍ଗା ଭାବେ
ବିରାଜିବେ ମହାଶକ୍ତି ।

ଆସ ସାଙ୍ଗସାଥି ପୀଠକୁ ଯିବା
ଭକତଙ୍କ ପଛେ ଧାଡିରେ ଥିବା
ଦର୍ଶନ କରିବା ଯାଇ
ଜୁହାର କରିବା ଭକ୍ତିଭାବ ନେଇ
ଖଣ୍ଡିଏ ଦୂରରେ ଥାଇ ।

ପୀଠ ଚତୁଃପାର୍ଶ୍ୱ ହୋଇଛି ସଜ୍ଜା
ଦେଖିବାକୁ ଲାଗେ ବଢ଼ିଆ ମଜା
ଆହା କି ଅପୂର୍ବ ଶୋଭା
ବିଦ୍ୟୁତ ଆଲୋକ ଝଲସାଇ ଦିଏ
ଦିଶେ ଭାରି ମନଲୋଭା ।

ଦୀପ ଲଗାଇବା ମାଆଙ୍କ ପାଶେ
ମାଆଙ୍କ କରୁଣା କଳୁଷ ନାଶେ
ସେଠାରେ କରିବା ଭୋଗ
ମା' ନାମ ଗାଇବା ପ୍ରସାଦ ପାଇବା
ରହିଛି ଦର୍ଶନ ଯୋଗ ।

*ନିହଲ ପ୍ରସାଦ, ଗଁଦିଆ ପାଟଣା, ଢେଙ୍କାନାଳ-୭୫୯୦୧୬*
*ମୋ-୯୯୩୮୭୪୧୫୮୩*

# ଶରତ ଆସିଛି

*କୀର୍ତ୍ତନ ସାହୁ*



ଶରତର ଏଇ ସୁନ୍ଦର ବେଳାରେ
କାଉଁଳିଆ ପାଗ ହେଉଛି
ଆକାଶରେ ମେଘ ଉଠେଇ ଆସୁଛି
ବରଷା କଚାଡି ଦେଉଛି ।

ରାସ୍ତା ଘାଟ ସବୁ ଓଦା ସରସର
ଦେଖତ ରହୁଛି ଏବେରେ
ଠାଏ ଠାଏ ପୁଣି କାଦୁଅ ଲାଗୁଛି
ବାଟ ଚାଲୁ ଥାଉ ଯେବେରେ ।

ଧୀରେ ଧୀରେ ପୁଣି ପାଗ ବଦଳିବ
ଶରତ ମେଲିବ କାୟାରେ
ରଜତ ରୂପର କାଶତଣ୍ଡି ଦେଖି
ଲୋକମାନେ ହେବେ ବାୟାରେ ।

କୂଅ ପୋଖରୀର ନିରିମଳ ପାଣି
କାଚ ଧାର ପରି ଦିଶିବ
ବାଡି ବଗିଚାରେ ନାନା ଫୁଲ ଫୁଟି
ପବନରେ ବାସ ମିଶିବ ।

ସବୁଜ କ୍ଷେତର ଲହଡ଼ି ମନରେ
କେତେ ଯେ ଆନନ୍ଦ ଆଣିବ
ଆକାଶ ଛାତିରେ ଜହ୍ନ ଉଇଁ ଆସି
ରୂପେଲି ଜୋଛନା ଢାଳିବ ।

କଅଁଳ ଲତାରେ ଜହ୍ନିଫୁଲ ଫୁଟି
ମନକୁ ଆକୃଷ୍ଟ କରିବ
ଶରତ ଋତୁର ମନଜିଣା ଶୋଭା
ହୃଦୟେ ପୁଲକ ଭରିବ ।

ଶରତର ପରି ମଜାଦାର ଋତୁ
ଆଉ ଅଛି ଅବା କାହିଁରେ
ଏଡ଼େ ଶୋଭାମୟ ଏହାର ଯେ ବେଶ
ସଭିଏଁ ରହନ୍ତି ଚାହିଁରେ ।

*ମିଶ୍ର କଲୋନୀ, ଶାଳପଡ଼ା, କେନ୍ଦୁଝର*
*ମୋ- ୯୪୩୮୪୧୪୭୦୧*



# ମାଆ ଆସୁଛନ୍ତି

**ପ୍ରଶାନ୍ତ କୁମାର ଦାଶ**

ମାଆ ଆସୁଛନ୍ତି ବରଷକ ପରେ
ସୁନ୍ଦର ଦିଶୁଛି ଧରଣୀ
ଫୁଲ ଚନ୍ଦନ ଓ ସିନ୍ଦୂର ଦେଇକି
କରିବା ମାଆଙ୍କୁ ବରଣୀ ।।

ଅଶିଣ ଆସିକି ବାଣ୍ଟୁଚି ସଭିଙ୍କୁ
ପୂଜା ପରବର ମଜାଟି
ବାଜିଲାଣି ଗାଆଁ ସହର ସାହିରେ
ଶଙ୍ଖ ଭେରୀ ତୁରୀ ବାଜାଟି ।।

ରାତି ହେଲେ ଜହ୍ନ ଢାଳିଦିଏ ତାର
ଜୋଛନା ମାଟିର ଛାତିରେ
ମାଆ ଆସୁଛନ୍ତି ଭକତ ଅଧୀର
ଜଣାଣରେ ଯାଏ ମାତିରେ ।।

ନୀଳ ଆକାଶଠୁ ବହୁଦୂରେ ଥାଇ
ଛୁଟାଏ ଶେଫାଳି ବାସନା
ସଫା ବାଟ ଘାଟ ବିଲ ନଈତୁଠ
ନାହିଁତ ଅଳିଆ ଅସନା ।।

ନାହିଁ ନଈ ଦେହେ ଗୋଳିପାଣି ଆଉ
ନିରିମଳ ତାର ଜଳଟି
ସୁନ୍ଦର ଦିଶଇ ବଣ ତୋଟା ଗଛ
ଧରି କୋଳି ଫୁଲ ଫଳଟି ।।

ଧୋବ ଫର ଫର କାଶତଣ୍ଡୀ ନାଚ
କିମିଆ କରୁଚି ପଠାରେ
ଆଲୋକର ମାଳା ଖଞ୍ଜା ହୋଇଲାଣି
ଗାଆଁ ସହରର କୋଠାରେ ।।

ମାଆ ଆସୁଛନ୍ତି କରବେ ବିନାଶ
ସମାଜରୁ ସବୁ ଅସୁର
ଭାଙ୍ଗିବେ ବଡେଇ ମଣିଷ ରକତ
ପିଉଥିବା ଯେତେ ପଶୁର ।।

*କୁଞ୍ଜର-ସଙ୍ଗଳାଇ,ପିପିଲି-ପୁରୀ*
*ମୋ-୯୬୬୮୮୨୨୧୯୦*

# ଜଗତ ଜନନୀ

*ସତ୍ୟବ୍ରତ ସାହୁ*



ଏ ଧରା ଧାମକୁ ଓହ୍ଲାଇ ଆସିବେ ଜଗତ ଜନନୀ ମାଆ ଦୁରୁଗା
ସଭିଙ୍କୁ କଲ୍ୟାଣ କରିବେ ଭବାନୀ ହେଉ ଦୁରୁଭାଗା ଅବା ଅଭାଗା ।
ମାଆ ମୋ କଲ୍ୟାଣୀ ଦୁର୍ଗତି ନାଶିନୀ ମହିଷା ଅସୁର ବିନାଶ କରି
ଦେବ, ଦାନବଙ୍କ ଦୁଃଖ ହରିଥିଲେ ଶାନ୍ତି ଆସିଥିଲା ମରତେ ଫେରି ।
ଦୁଷ୍ଟ ନାଶି ସନ୍ଥ ପାଳିବାକୁ ମାଆ ଅନଳରୁ ନେଇ ଥିଲେ ଜନମ
ଆସୁରିକ ଶକ୍ତି ଧ୍ୱଂସ କରିଥିଲେ ସରଗେ-ମରତେ ମାଆ ସୁନାମ ।
ଆକାଳେ ବୋଧନ କରିଥିଲେ ରାମ ରାବଣ ନିଧନ କରିବା ପାଇଁ
ଦୁଷ୍ଟ ବିନାଶିନୀ ନାମ ବୋଲାଇଲେ ଜନନୀ ରାମଙ୍କ ସହାୟ ହୋଇ ।
ଏଇ ଶରତରେ ବିଜେ ହୋଇଥିଲେ ରାମଙ୍କ ପୂଜାରେ ମରତ ଭୂଇଁ
ତେଣୁ ଏ ଶରତେ ପୂଜିଥା'ନ୍ତି ଆମେ ମଆର କରୁଣା ପାଇବା ପାଇଁ ।
ଭକତି ଚିତ୍ତରେ ମାଆଙ୍କୁ ପୂଜିବା ଆସ ଯେତେ ମୋର ଭଉଣୀ-ଭାଇ
ମାଆ ପରା ସିଏ କୋମଳ ହୃଦୟା ସନ୍ତାନ ପାଳିନୀ ଅଟଇ ସେହି ।

*ପଲ୍ଲୀସାହି, କମାଳପୁର, ଅହିୟାସ, ଯାଜପୁର-୭୫୫୦୩୬*
*ମୋ-୮୯୧୭୨୭୩୫୪୫*

# ପୂଣ୍ୟ ନବରାତ୍ର ଆସୁଛି....

*ରାମଚନ୍ଦ୍ର ବେହେରା*

ମହା ପାର୍ବଣର ପୂଣ୍ୟ ନବରାତ୍ର
ଆସୁଛି ମରତେ ମିତ
ନଅ ଭିନ୍ନ ରୂପେ ଦେଖା ଦେବେ ମାତା
ହସିବ ଧର୍ମ ଜଗତ ।
ଦେବୀ ଶୈଳପୁତ୍ରୀ ମା'ବ୍ରହ୍ମଚାରିଣୀ
ଚନ୍ଦ୍ରଘଣ୍ଟା ନାମେ ମାତ
ଜନନୀ କୁଷ୍ମାଣ୍ଡା ସ୍କନ୍ଦମାତା ନାମେ
ଜଗତେ ହେବେ ପୂଜିତ ।
ପବିତ୍ର ଷଷ୍ଠୀରେ ମାତା କାତ୍ୟାୟିନୀ
ସପ୍ତମୀରେ କାଳରାତ୍ରୀ
ଅଷ୍ଟମୀ ତିଥିରେ ମହାଗୌରୀ ପୁଣି
ନବମୀରେ ସିଦ୍ଧିଦାତ୍ରୀ ।
ଭିନ୍ନ ସ୍ୱରୂପରେ ଭିନ୍ନ ବସ୍ତ୍ର ପିନ୍ଧି
ଜଗତେ ପାଇବେ ପୂଜା
ତାଙ୍କ ଆଗମନେ ଛକ ବଜାରରେ
ତୋରଣ ହେଲାଣି ସଜା ।
ତୂରୀ ଭେରୀ ଯୋଡି ନାଗରା ବାଜିବ
କମ୍ପିବ ସାରା ଜଗତ
ସତ୍ୟ ଅହିଂସାକୁ ଆଦରିବେ ଜନେ
ଦୂରେଇ ଛନ୍ଦ କପଟ ।
ଆମେ ସର୍ବେ ମିଳି ମାତାଙ୍କ ଚରଣେ
ଦୀପଟିଏ ଦେବା ଜାଳି
ସତ୍ୟ ଧର୍ମ ପଥେ ସଭିଏଁ ଚାଲନ୍ତୁ
ମାତାଙ୍କୁ କରିବା ଅଳି ।
ଜଗତ ଜନନୀ ଧର୍ମକୁ ପରଖି
ପାପୀକୁ କରିବେ ନାଶ
ସଭିଙ୍କ ପରାଣେ ସୁଖ ଶାନ୍ତି ବାଣ୍ଟି
ମୁଖେ ଭରିଦେବେ ହସ ।

*ତେନ୍ତୁଳିପଦା, ଜଗତସିଂହପୁର*
*ମୋ-୭୩୫୫୬୩୪୩୪୬*

# ମାଆ ପାଇଁ ଗଛଟିଏ

*ମନୋଜ କୁମାର ମେହେର*



ମାଆ ପାଇଁ ଆମେ ଗଛ ଲଗାଇବା
ଗଛ ହିଁ ଆମ ଜୀବନ,
ଗଛ ପରା ଆମ ପରମ ବାନ୍ଧବ
ନାହିଁ କେହି ତା ସମାନ ।
ଛାଇ ଫଳମୂଳ ଦିଏ ତ ଆମକୁ
ଦିଏ ପୁଣି ଅମ୍ଳଜାନ,
ତାହା ପରି କେହି ନାହିଁ ଏ ଜଗତେ
ରୋକି ଥାଏ ପ୍ରଦୂଷଣ ।
ଆମ ସରକାର କରିଛି ଯୋଜନା
ମାଆ ପାଇଁ ଗଛଟିଏ,
ଲକ୍ଷ ଲକ୍ଷ ବୃକ୍ଷ ରୋପଣ କରିବା
ମିଳିମିଶିଣ ସଭିଏଁ ।
ଛାତ୍ରଛାତ୍ରୀ ସବୁ ମେଳହୋଇ ଆମେ
ଯତନ ନେବା ବୃକ୍ଷର,
ଏବେ ଠାରୁ ଯଦି ସଜାଗ ନ ହେବା
ପରିସ୍ଥିତି ଭୟଙ୍କର ।
ଆସ ଆମେ ଆଜି ଶପଥ କରିବା
ମାଁ ନାମେ ଗଛ ଲଗାଇ,
ମିଳିମିଶି ତା'ର ଯତ୍ନନେଇ ଆମେ
ଶାନ୍ତିରେ ପାରିବା ରହି ।
ଗଛ ପରା ଅଟେ ପର ଉପକାରୀ
ତାହା ପରି କେହି ନାହିଁ,
ପର ପାଇ ସିଏ ବଞ୍ଚି ରହିଥାଏ
ନିଜେ ଦୁଃଖକଷ୍ଟ ସହି ।

*ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ*
*ବରଗାଁ, କଲମପୁର, କଳାହାଣ୍ଡି*
*ମୋ- ୯୩୩୭୭୯୩୧୫୭*

# ଭାରତୀୟ କ୍ରିକେଟ ଦଳର ନୂଆ ସ୍ପନସର ହେଲା ଆପୋଲୋ ଟାୟାର୍ସ

**ମୁମ୍ବାଇ**




ଭାରତୀୟ କ୍ରିକେଟ ଦଳର ଜର୍ସି ସ୍ପନସର ଭାବେ ଆପୋଲୋ ଟାୟାର୍ସକୁ ୨୦୨୭ ପର୍ଯ୍ୟନ୍ତ ନିଯୁକ୍ତ କରାଯାଇଛି। ଡ୍ରିମ୍୧୧କୁ ବାଦ୍ ଦେବା ପରେ ଭାରତୀୟ କ୍ରିକେଟ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ) ଏହି ନିଷ୍ପତ୍ତି ନେଇଛି। ଆପୋଲୋ ଟାୟାର୍ସ ପ୍ରତି ମ୍ୟାଚ ପାଇଁ ୪.୫ କୋଟି ଟଙ୍କା ଦେବ, ଯାହା ଡ୍ରିମ୍୧୧ର ୪ କୋଟି ଟଙ୍କାଠାରୁ ଅଧିକ। ଏହି ଚୁକ୍ତି ଆପୋଲୋକୁ ବିଶ୍ୱବ୍ୟାପୀ ଲୋକପ୍ରିୟତା ଦେବ ଓ ଭାରତୀୟ କ୍ରିକେଟରେ ଏକ ବଡ଼ ସ୍ପନସରଶିପ୍ ଚୁକ୍ତି ଭାବେ ଗଣା ହେଉଛି।

ଚଳିତ ଏସିଆ କପରେ ପୁରୁଷ ଦଳ ଓ ଅଷ୍ଟ୍ରେଲିଆ ବିପକ୍ଷ ମହିଳା ଦଳର ତିନି ମ୍ୟାଚ ଦିନିକିଆ ସିରିଜରେ କୌଣସି ସ୍ପନସର ନାହାନ୍ତି। ସେପ୍ଟେମ୍ବର ୩୦ରୁ ଭାରତ ଓ ଶ୍ରୀଲଙ୍କାରେ ଅନୁଷ୍ଠିତ ହେବାକୁ ଥିବା ମହିଳା ବିଶ୍ୱକପରେ ମହିଳା ଦଳର ଜର୍ସିରେ ନୂଆ ସ୍ପନସର ଥାଇପାରେ କି ନାହିଁ, ତାହା ଅସ୍ପଷ୍ଟ।

ଅନଲାଇନ ଗେମିଂ ନିୟନ୍ତ୍ରଣ ଆଇନ ଅନୁସାରେ ରିଅଲ ମନି ଗେମିଂ ଉପରେ ନିଷେଧାଜ୍ଞା ହେତୁ ଡ୍ରିମ୍୧୧ ଏସିଆ କପରୁ ସ୍ପନସରଶିପ ଛାଡ଼ିଛି। ଡ୍ରିମ୍୧୧ ଓ ମାଇ୧୧ସର୍କଲ ମିଳିତ ଭାବେ ଭାରତୀୟ ଦଳ ଓ ଆଇପିଏଲ ପାଇଁ ବିସିସିଆଇକୁ ପ୍ରାୟ ୧,୦୦୦ କୋଟି ଟଙ୍କା ଦେଇଥିଲେ।

ପୁରୁଷ ଦଳ ଏସିଆ କପରେ ୟୁଏଇ ଓ ପାକିସ୍ତାନକୁ ହରାଇ ଦମଦାର ଆରମ୍ଭ କରିଛି ଓ ସେପ୍ଟେମ୍ବର ୧୯ରେ ଓମାନ ବିପକ୍ଷରେ ଖେଳିବ। ମହିଳା ଦଳ ମୁଲ୍ଲାନପୁରରେ ଅଷ୍ଟ୍ରେଲିଆଠାରୁ ପ୍ରଥମ ମ୍ୟାଚ ହାରିଛି ଓ ସେପ୍ଟେମ୍ବର ୧୭ରେ ଦ୍ୱିତୀୟ ମ୍ୟାଚରେ ଫେରିବାକୁ ଚେଷ୍ଟା କରିବ।

# ହ୍ୟାଣ୍ଡସେକ୍ ବିବାଦ: ଏସିଆ କପରେ ୟୁଏଇ ବିପକ୍ଷ ଗ୍ରୁପ୍ ମ୍ୟାଚ୍ ବୟକଟ୍ କଲା ପାକିସ୍ତାନ

**ନୂଆଦିଲ୍ଲୀ**



ପାକିସ୍ତାନ କ୍ରିକେଟ ଟିମ୍ ଏସିଆ କପରେ ସଂଯୁକ୍ତ ଆରବ ଏମିରେଟସ୍ (ୟୁଏଇ) ବିପକ୍ଷ ଗ୍ରୁପ ପର୍ଯ୍ୟାୟ ମ୍ୟାଚ ବୟକଟ କରିବାକୁ ନିଷ୍ପତ୍ତି ନେଇଛି। ଏହି ନିଷ୍ପତ୍ତି ହ୍ୟାଣ୍ଡସେକ୍ ବିବାଦକୁ ନେଇ ଆରମ୍ଭ ହୋଇଛି ବୋଲି ପାକିସ୍ତାନି ଗଣମାଧ୍ୟମ ଜିଓ ନ୍ୟୁଜ ସୂଚନା ଦେଇଛି। ବିଗତ ମ୍ୟାଚରେ ଭାରତୀୟ ଦଳର ଖେଳାଳିମାନେ ପାକିସ୍ତାନୀ ଖେଳାଳିଙ୍କ ସହ ହାତ ମିଳାଇବାକୁ ସିଧାସଳଖ ମନା କରିଦେଇଥିଲେ। ଏହି ଘଟଣା ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) ଏବଂ ଟିମ୍ ମ୍ୟାନେଜମେଣ୍ଟକୁ କ୍ଷୁବ୍ଧ କରିଛି। ଯାହା ଫଳରେ ସେମାନେ ଆଗକୁ ଏହି ମ୍ୟାଚ୍ ଖେଳିବାକୁ ଅସ୍ୱୀକାର କରିଛନ୍ତି।

ସୂଚନା ମୁତାବକ, ଏସିଆ କପରେ ଚାଲୁଥିବା ଗ୍ରୁପ ପର୍ଯ୍ୟାୟ ମ୍ୟାଚ୍‌ରେ ଭାରତ ଓ ପାକିସ୍ତାନ ମଧ୍ୟରେ ହୋଇଥିବା ମ୍ୟାଚ ଶେଷହେବା ପରେ ପାକିସ୍ତାନ ଦଳ ପାରମ୍ପରିକ ଭାବେ ହ୍ୟାଣ୍ଡସେକ୍ ପାଇଁ ଆଗେଇ ଆସିଥିଲେ। ତେବେ ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଭାରତୀୟ ଖେଳାଳିମାନେ ପାକିସ୍ତାନ ଖେଳାଳିମାନଙ୍କ ସହ ହାତ ମିଳାଇବାକୁ ମନା କରିଦେଇଥିଲେ। ଯାହାକୁ ପିସିବି ଅପମାନଜନକ ମନେ କରିଛି। ଏହା ପାକିସ୍ତାନୀ ଟିମ୍‌ରେ ଅସନ୍ତୋଷ ସୃଷ୍ଟି କରିଛି ଏବଂ ସେମାନେ ଏହି ବିବାଦକୁ ଗୁରୁତର ଭାବେ ଗ୍ରହଣ କରି ମ୍ୟାଚ୍ ବୟକଟ୍ କରିବାକୁ ନିଷ୍ପତ୍ତି ନେଇଛନ୍ତି।

ପିସିବି ଏହି ଘଟଣାକୁ କ୍ରୀଡ଼ା ଜଗତରେ ପାରସ୍ପରିକ ସମ୍ମାନର ଉଲ୍ଲଂଘନ ବୋଲି ଅଭିଯୋଗ କରିଛି। ମ୍ୟାଚ ଶେଷ ହେବା ପରେ ପାକିସ୍ତାନ ଅଧିନାୟକଙ୍କ ସହ ଭାରତୀୟ ଅଧିନାୟକ ହାତ ମିଳାଇବା ଜରୁରି ଥିଲା ବୋଲି ପାକିସ୍ତାନ ଅଭିଯୋଗ କରିଛି। ତେବେ ଅନ୍ୟପଟେ ସୂର୍ଯ୍ୟକୁମାର ଯାଦବ ଏନେଇ ନିଜ ମତ ଜାରି କରିଛନ୍ତି। ପହଲଗାମରେ ହୋଇଥିବା ସମ୍ପ୍ରତି ଆତଙ୍କବାଦୀ ଆକ୍ରମଣର ପୀଡ଼ିତାଙ୍କ ପ୍ରତି ଏକତା ପାଇଁ ଏବଂ ଭାରତୀୟ ସଶସ୍ତ୍ର ବାହିନୀର ଅପରେସନ ସିନ୍ଦୂରକୁ ସମର୍ଥନ କରି ହାତ ମିଳାଇବା ପରିତ୍ୟାଗ କରିବାର ନିଷ୍ପତ୍ତି ନିଆଯାଇଛି ବୋଲି ସେ କହିଥିଲେ।

ସୂତ୍ର ଅନୁସାରେ, ପିସିବି ଏସିଆନ୍ କ୍ରିକେଟ୍ କାଉନସିଲ (ଏସିସି) ନିକଟରେ ଏହି ଘଟଣା ସମ୍ପର୍କରେ ଔପଚାରିକ ଅଭିଯୋଗ ଦାୟର କରିବାକୁ ପରିକଳ୍ପନା କରୁଛି। ଏହା ସହିତ, ପାକିସ୍ତାନ ଟିମ୍ ଚଳିତ ବର୍ଷର ଏସିଆ କପ ମ୍ୟାଚରୁ ନିଜକୁ ପ୍ରତ୍ୟାହାର କରିବାକୁ ନିଷ୍ପତ୍ତି ନେଇପାରେ ବୋଲି ସୂଚନା ରହିଛି। ଯାହା ଟୁର୍ଣ୍ଣାମେଣ୍ଟର ସୂଚୀ ଏବଂ ଗ୍ରୁପ୍ ପର୍ଯ୍ୟାୟ ଉପରେ ପ୍ରଭାବ ପକାଇ ପାରେ ବୋଲି ଅନୁମାନ କରାଯାଉଛି।

ଭାରତ କ୍ରିକେଟ୍ ବୋର୍ଡ ଏ ପର୍ଯ୍ୟନ୍ତ ଏହି ବିବାଦ ସମ୍ପର୍କରେ କୌଣସି ଆନୁଷ୍ଠାନିକ ବିବୃତି ଜାରି କରିନାହିଁ। ତେବେ ପାକିସ୍ତାନର ଏହି ବୟକଟ୍ ନିଷ୍ପତ୍ତି ଏସିଆ କପ୍‌ର ଗ୍ରୁପ ପର୍ଯ୍ୟାୟ ଏବଂ ଟୁର୍ଣ୍ଣାମେଣ୍ଟ ଉପରେ ଗୁରୁତର ପ୍ରଭାବ ପକାଇପାରେ। ଏସିସି ଏବଂ ଅନ୍ୟ ଅଂଶୀଦାର ଦେଶମାନେ ଏହି ସ୍ଥିତିରେ କୌଣସି ମଧ୍ୟସ୍ଥତା କରିବେ କି ନାହିଁ, ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ।

# ରାଜ୍ୟସ୍ତରୀୟ ଉଷୁ ଓ ତାଇକୋଣ୍ଡୋ ପ୍ରତିଯୋଗିତାରେ ମୟୂରଭଞ୍ଜ ଜିଲ୍ଲାର କୃତିତ୍ୱ



**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶା ରାଜ୍ୟସ୍ତରୀୟ ଉଷୁ ଓ ତାଇକୁଣ୍ଡୁ ପ୍ରତିଯୋଗିତାରେ ମୟୂରଭଞ୍ଜ ଜିଲ୍ଲାର ପ୍ରତିଯୋଗୀମାନେ ବେଶ୍ କୃତିତ୍ୱ ଅର୍ଜନ କରିଛନ୍ତି। କେନ୍ଦୁଝର ଜିଲ୍ଲା ଅନ୍ତର୍ଗତ ବଡ଼ବିଲ ସ୍ଥିତ ମ୍ୟୁନିସିପାଲ ହାଇସ୍କୁଲ ଠାରେ ସେପ୍ଟେମ୍ବର ୧୦ରୁ ୧୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି। ଏହି ୧୭ ବର୍ଷରୁ କମ୍ ଉଷୁ ବାଳକବାଳିକା ବିଭାଗ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ୨ଟି, ରୌପ୍ୟ ୩ଟି, ବ୍ରୋଞ୍ଜ ୪ଟି ପଦକ ହାସଲ କରିଛନ୍ତ। ସେମାନେ ହେଲେ ତ୍ରିନାଥ ବାରିକ ଓ ସୁନିଆ ସୋରେନ ସ୍ୱର୍ଣ୍ଣ ପଦକ, ମୁନି ହାଁସଦା, ବାରି ମୁର୍ମୁ ଓ ଶିବ ସିଂ ରୌପ୍ୟ ପଦକ, ସୁବର୍ଣ୍ଣ ସିଂ, ଗୀତା ସିଂ, ଦୁଲା ମାରାଣ୍ଡି, ହିମାଂଶୁ ଶେଖର ସିଂ ବ୍ରୋଞ୍ଜ ପଦକ। ସେହିପରି ୧୪ ଓ ୧୭ ବର୍ଷରୁ କମ୍ ତାଇକୋଣ୍ଡୋ ବାଳକବାଳିକା ବିଭାଗ ପ୍ରତିଯୋଗିତାରେ ରୌପ୍ୟ ୧ ଟି, ବ୍ରଞ୍ଜ ୮ ଟି ପଦକ ହାସଲ କରିଛନ୍ତି। ସେମାନେ ହେଲେ ଶତ୍ରୁଘନ ମଢୁଆଳ ରୌପ୍ୟ ପଦକ, ଲକ୍ଷ୍ମୀପ୍ରିୟା ସିଂ, ରାନୀ ମାରାଣ୍ଡି, ଲକ୍ଷ୍ମୀ ସିଂ, ମଞ୍ଜୁଲତା ଟୁଡୁ, ଦୀପକ ସିଂ, ଚନ୍ଦନ ସିଂ, ଚନ୍ଦ୍ରଭାନୁ ବେହେରା, ଅଙ୍କିତ ଦାସ ବ୍ରୋଞ୍ଜ ପଦକ ଗ୍ରହଣ କରି ପୁରସ୍କୃତ ହୋଇ ମୟୂରଭଞ୍ଜ ଜିଲ୍ଲାକୁ ଗୌରାବନ୍ୱିତ କରିଛନ୍ତି। ଏହି ସଫଳତା ପାଇଁ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଓ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକ ବିଜେତାମାନଙ୍କୁ ଶୁଭେଚ୍ଛା ଜଣେଇଛନ୍ତି। ସୂଚନାଯୋଗ୍ୟ ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତା ଉଷୁରେ ୧୬ ଓ ତାଇକୋଣ୍ଡୋରେ ୨୪ ଜଣ ପ୍ରତିଯୋଗୀ ମୟୂରଭଞ୍ଜ ଜିଲ୍ଲାରୁ ଅଂଶ ଗ୍ରହଣ କରିଥିଲେ। ଉଷୁ ବାଳକ ଟିମ୍ ମ୍ୟାନେଜର ଭାବେ ଈଶ୍ୱରଚନ୍ଦ୍ର ମହାନ୍ତ ଓ ବାଳିକା ଟିମ୍ ମ୍ୟାନେଜର ଭାବେ ଦେବସ୍ମିତା ଜେନା ଯୋଗ ଦେଇଥିଲେ। ସେହିପରି ତାଇକୋଣ୍ଡୋ ବାଳକ ଟିମ୍ ମ୍ୟାନେଜର ଭାବେ ଯତୀନ୍ଦ୍ର ଜେଶ୍ୱାଲ, ବାଳକ କୋଚ ଭାବେ ବୁଧିରାମ ସିଂ ଓ ବାଳିକା ଟିମ୍ ମ୍ୟାନେଜର ଭାବେ ପାର୍ବତୀ ହାଁସଦା, ବାଳିକା କୋଚ୍ ଭାବେ ଅନନ୍ଦିତା ମହାନ୍ତ ପ୍ରମୁଖଙ୍କ ନେତୃତ୍ୱର ପ୍ରତିଯୋଗୀମାନେ ଯୋଗ ଦେଇଥିଲେ।

# ଏସିଆ କପରେ ବିଜୟୀ ଟିମ୍‌କୁ ୨.୬୦ କୋଟି ଓ ଉପବିଜେତା ଦଳକୁ ୧.୩୦ କୋଟି ମିଳିବ

**ନୂଆଦିଲ୍ଲୀ**

ଏସିଆ କପ ୨୦୨୫ ସେପ୍ଟେମ୍ବର ୯ ତାରିଖରେ ଆବୁଧାବିରେ ଆଫଗାନିସ୍ତାନ ଏବଂ ହଂକଂ ମଧ୍ୟରେ ଏକ ମ୍ୟାଚ ସହିତ ଆରମ୍ଭ ହୋଇଥିଲା। ଏଥର ଟୁର୍ଣ୍ଣାମେଣ୍ଟଟି ଟି-୨୦ ଫର୍ମାଟରେ ଖେଳାଯାଉଛି, ଯେଉଁଥିରେ ମୋଟ ଆଠଟି ଦଳ ଅଂଶଗ୍ରହଣ କରୁଛନ୍ତି – ଭାରତ, ପାକିସ୍ତାନ, ଶ୍ରୀଲଙ୍କା, ବାଂଲାଦେଶ, ଆଫଗାନିସ୍ତାନ, ଓମାନ, ୟୁଏଇ ଏବଂ ହଂକଂ। ଟାଇଟଲ ଦୌଡ଼ରେ ଥିବା ପ୍ରତ୍ୟେକ ଦଳ ପାଖରେ କେବଳ ଟ୍ରଫି ଜିତିବାର ଚ୍ୟାଲେଞ୍ଜ ନାହିଁ, ବରଂ ଏଥର ପୁରସ୍କାର ରାଶିକୁ ନେଇ ପ୍ରଶଂସକଙ୍କ ମଧ୍ୟରେ ବହୁତ ଉତ୍ସାହ ରହିଛି। କ୍ରିକ୍ଟୋଡେର ରିପୋର୍ଟ ଅନୁସାରେ, ଏଥର ବିଜେତା ଦଳକୁ ଦିଆଯିବାକୁ ଥିବା ପୁରସ୍କାର ରାଶିକୁ ବୃଦ୍ଧି କରାଯାଇଛି।




ଏଥର ସବୁଠାରୁ ବଡ଼ ଆଲୋଚନା ପୁରସ୍କାର ରାଶିକୁ ନେଇ। ଖବର ଅନୁସାରେ, ବିଜେତା ଦଳକୁ ପୂର୍ଣ୍ଣ ୨.୬୦ କୋଟି ଟଙ୍କା ମିଳିବ, ଯେତେବେଳେ ଉପବିଜେତା ଦଳକୁ ୧.୩୦ କୋଟି ଟଙ୍କା ଦିଆଯିବ। ଏହି ପରିମାଣ ଗତ ଥର ଅପେକ୍ଷା ଅଧିକ ଏବଂ ସେଥିପାଇଁ ଖେଳାଳି ଏବଂ ପ୍ରଶଂସକଙ୍କ ମଧ୍ୟରେ ଏହା ବିଷୟରେ ବହୁତ କୌତୁହଳ ରହିଛି। ତଥାପି, ଏହା ଉଲ୍ଲେଖନୀୟ ଯେ ଏସିଆ କ୍ରିକେଟ କାଉନସିଲ (ଏସିସି) ଏପର୍ଯ୍ୟନ୍ତ ଏ ବିଷୟରେ କୌଣସି ସରକାରୀ ଅପଡେଟ ଦେଇନାହିଁ।

ଭାରତ ୧୦ ସେପ୍ଟେମ୍ବରରେ ୟୁଏଇ ବିପକ୍ଷରେ ତା'ର ଅଭିଯାନ ଆରମ୍ଭ କରିଥିଲା। ଦୁବାଇ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚରେ, ଟିମ୍ ଇଣ୍ଡିଆ ଚମତ୍କାର ପ୍ରଦର୍ଶନ କରି ୯ ୱିକେଟରେ ବିଜୟୀ ହୋଇଥିଲା।

ଏହା ପରେ ୧୪ ସେପ୍ଟେମ୍ବରରେ ଟୁର୍ଣ୍ଣାମେଣ୍ଟର ସବୁଠାରୁ ବଡ଼ ଏବଂ ହାଇ-ଭୋଲଟେଜ୍ ମ୍ୟାଚ୍ ଖେଳାଯାଇଥିଲା। ଭାରତ ଏବଂ ପାକିସ୍ତାନ ଦଳ ଦୁବାଇରେ ମୁହାଁମୁହିଁ ହୋଇଥିଲେ। ଭାରତୀୟ ଦଳ ଏଠାରେ ପାକିସ୍ତାନକୁ ୭ ୱିକେଟ୍ରେ ପରାସ୍ତ କରି ପୁଣି ଥରେ ପ୍ରମାଣିତ କରିଛି ଯେ ଏହା କାହିଁକି ଡିଫେଣ୍ଡିଂ ଚାମ୍ପିଅନ। ଏହି ବିଜୟ ସହିତ, ଭାରତ ପଏଣ୍ଟ ଟେବୁଲରେ କେବଳ ତା'ର ସ୍ଥିତି ମଜବୁତ କରିନାହିଁ ବରଂ ଟାଇଟଲ ରକ୍ଷା କରିବାର ଆଶାକୁ ମଧ୍ୟ ମଜବୁତ କରିଛି। ଭାରତ ପୂର୍ବରୁ ୮ ଥର ଏସିଆ କପ ଟ୍ରଫି କବ୍‌ଜା କରିସାରିଛି।

ଭାରତର ତୃତୀୟ ଏବଂ ଶେଷ ଗ୍ରୁପ୍ ମ୍ୟାଚ୍ ଓମାନ ବିପକ୍ଷରେ ଖେଳାଯିବ। ଏହି ମ୍ୟାଚ୍ ଦୁବାଇର ଶେଖ ଜାଏଦ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଭାରତୀୟ ଦଳ ପୂର୍ବରୁ ଦୁଇଟି ବିଜୟ ପଞ୍ଜିକୃତ କରିସାରିଛି, ତେଣୁ ଏହାର ମନୋବଳ ବହୁତ ଉଚ୍ଚ। ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ, ବ୍ୟାଟିଂ ଏବଂ ବୋଲିଂ ବିଭାଗ ଉଭୟ ଉତ୍କୃଷ୍ଟ ସମନ୍ୱୟ ପ୍ରଦର୍ଶନ କରୁଛନ୍ତି।

# ୩୦ ଲିଟର ମା' କ୍ଷୀର ଦାନ କଲେ ବ୍ୟାଡମିଣ୍ଟନ ଖେଳାଳି ଜ୍ୱାଳା ଗୁଟ୍ଟା

**ନୂଆଦିଲ୍ଲୀ**

ବ୍ୟାଡ୍‌ମିଣ୍ଟନ ଖେଳାଳି ଜ୍ୱାଳା ଗୁଟ୍ଟା, ଯିଏ ନିକଟରେ ଦ୍ୱିତୀୟ ସନ୍ତାନକୁ ଜନ୍ମ ଦେଇଛନ୍ତି, ସରକାରୀ ହସ୍ପିଟାଲକୁ ୩୦ ଲିଟର ମା' କ୍ଷୀର ଦାନ କରି ଶିଶୁ ସ୍ୱାସ୍ଥ୍ୟ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି। ସୋସିଆଲ ମିଡିଆରେ ସେ କହିଛନ୍ତି, "ମା' କ୍ଷୀର ଜୀବନ ରକ୍ଷା କରେ। ଅକାଳ ଜନ୍ମ ଓ ଅସୁସ୍ଥ ଶିଶୁଙ୍କ ପାଇଁ ଦାନ କରା କ୍ଷୀର ଜୀବନ ବଦଳାଇ ଦେଇପାରେ।"



ସମୟ ପୂର୍ବରୁ ଜନ୍ମ, କମ୍ ଓଜନ ବା ମା' କ୍ଷୀର ଉତ୍ପାଦନ କରିପାରୁ ନ ଥିବା ମାତାଙ୍କ ଶିଶୁଙ୍କ ପାଇଁ ଦାନ କରା କ୍ଷୀର ଆବଶ୍ୟକ। ସୁସ୍ଥ ସ୍ତନ୍ୟପାୟୀ ମାତା, ଯେଉଁମାନେ ନିଜ ଶିଶୁଙ୍କ ଆବଶ୍ୟକତା ଅତିରିକ୍ତ କ୍ଷୀର ଉତ୍ପାଦନ କରନ୍ତି, ସେମାନେ ମିଲ୍କ ବ୍ୟାଙ୍କରେ କ୍ଷୀର ଦାନ କରିପାରନ୍ତି। ଦିଲ୍ଲୀରେ ଲେଡି ହାର୍ଡିଙ୍ଗ, ଏମ୍ସ ଓ ସଫଦରଜଙ୍ଗ ହସ୍ପିଟାଲରେ ମିଲ୍କ ବ୍ୟାଙ୍କ ରହିଛି।

ଦାତା ମାତାଙ୍କୁ ଏଚଆଇଭି, ହେପାଟାଇଟିସ, ସିଫିଲିସ ଓ ଆଚରଣଗତ ସମସ୍ୟା ପାଇଁ ସ୍କ୍ରିନିଂ କରାଯାଏ। ଯେଉଁମାନେ ମାଦକ ଦ୍ରବ୍ୟ, ତମାଖୁ, ଅତ୍ୟଧିକ ମଦ କିମ୍ବା କ୍ୟାଫେନ ସେବନ କରନ୍ତି ବା ଅଙ୍ଗ ପ୍ରତିରୋପଣ କିମ୍ବା ରକ୍ତ ସଞ୍ଚାରଣ ଗ୍ରହଣ କରିଛନ୍ତି, ସେମାନେ ଦାନ କରିପାରିବେ ନାହିଁ। କ୍ଷୀର ପାଷ୍ଟୁରାଇଜ କରାଯାଇ -୨୦° ସେଲସିୟସରେ ଡିପ୍ ଫ୍ରିଜରରେ ସଂରକ୍ଷଣ କରାଯାଏ।

# ଜିନ୍ଦଲ ଷ୍ଟିଲ୍ ପ୍ଲାଣ୍ଟରେ ଭକ୍ତିଭାବର ସହ ବିଶ୍ୱକର୍ମା ପୂଜା ପାଳିତ

**ଅନୁଗୁଳ, ନ୍ୟୁଜ୍‌ବ୍ୟୁରୋ**

ଜିନ୍ଦଲ ଷ୍ଟିଲର ଅନୁଗୁଳ ପ୍ଲାଣ୍ଟ ପରିସରରେ ଭଗବାନ ବିଶ୍ୱକର୍ମାଙ୍କ ପୂଜା, ବେଶ ପବିତ୍ରତା ଓ ଭକ୍ତିଭାବର ସହ ପାଳିତ ହୋଇଯାଇଛି। ଏଥିରେ ଜିନ୍ଦଲ ଷ୍ଟିଲର କର୍ମଚାରୀ, ସେମାନଙ୍କ ପରିବାର ସଦସ୍ୟ ଏବଂ ସ୍ଥାନୀୟ ସମ୍ପ୍ରଦାୟର ସଂଖ୍ୟାଧିକ ଲୋକ ଅଂଶଗ୍ରହଣ କରିଥିଲେ।




ଅନୁଗୁଳ ପ୍ଲାଣ୍ଟ ମୁଖ୍ୟ ପଙ୍କଜ ମାଲହାନ, ତାଙ୍କ ପତ୍ନୀ ସୀମା ମାଲହାନ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦାମୋଦର ମିତ୍ତଲ, ତାଙ୍କ ପତ୍ନୀ ଅନିତା ମିତ୍ତଲ, ସ୍ୱାମୀ ସତ୍ୟବିନ୍ଦୁ ସରସ୍ୱତୀ, ଅତୁଲ ଦୁବେ ଏବଂ ଅନ୍ୟାନ୍ୟ ବିଭାଗୀୟ ମୁଖ୍ୟଙ୍କ ନେତୃତ୍ୱରେ ଏଠାରେ ସମସ୍ତ ପୂଜାର୍ଚ୍ଚନା କରାଯାଇଥିଲା। ପ୍ଲେଟ୍ ମିଲ୍ ପରିସରେ ବୈଦିକ ନୀତିରେ ପୂଜା କରାଯାଇଥିଲା, ଯେଉଁଠାରେ ଜିନ୍ଦଲ ଷ୍ଟିଲ୍ ସହିତ ଜଡ଼ିତ ସମସ୍ତଙ୍କ ସୁରକ୍ଷା ଏବଂ ମଙ୍ଗଳ କାମନା ତଥା ରାଷ୍ଟ୍ରର ସମୃଦ୍ଧି ପାଇଁ ଦେବସ୍ଥପତି ବିଶ୍ୱକର୍ମାଙ୍କୁ ପ୍ରାର୍ଥନା କରାଯାଇଥିଲା।

ଏହି ଅବସରରେ, ମାନବ ସମ୍ବଳ ବିଭାଗ ପକ୍ଷରୁ ୨୯ ଜଣ କର୍ମଚାରୀଙ୍କୁ ସେମାନଙ୍କର ଦକ୍ଷତା, ନିଷ୍ଠା ଏବଂ ନିରାପଦ କାର୍ଯ୍ୟ ପାଇଁ ଜିନ୍ଦଲ ବିଶ୍ୱକର୍ମା ସମ୍ମାନ ପ୍ରଦାନ କରାଯାଇ ଥିଲା। ସେମାନଙ୍କ ମଧ୍ୟରୁ ୧୧ ଜଣଙ୍କୁ ବିଶ୍ୱକର୍ମା ରନ୍ (ଅଲ-ରାଉଣ୍ଡର ପୁରସ୍କାର), ୯ ଜଣଙ୍କୁ ସୁରକ୍ଷା ଚାମ୍ପିଅନ ଭାବରେ ସ୍ୱୀକୃତି ଦିଆଯାଇଥିଲା ଏବଂ ୯ ଜଣଙ୍କୁ ଶୃଙ୍ଖଳା ପୁରସ୍କାରରେ ସମ୍ମାନିତ କରାଯାଇଥିଲା।

ଏହି ଅବସରରେ ପଙ୍କଜ ମାଲହାନ କହିଥିଲେ, "ଭଗବାନ ବିଶ୍ୱକର୍ମାଙ୍କ ଆଶୀର୍ବାଦରୁ ଆମେ ଇଞ୍ଜିନିୟରିଂ କ୍ଷେତ୍ରରେ ମହାନ ସଫଳତା ହାସଲ କରିପାରିଛୁ। ଆମର କଠିନ ପରିଶ୍ରମ କେବଳ ତାଙ୍କ କୃପା ଦ୍ୱାରା ହିଁ ଅର୍ଥପୂର୍ଣ୍ଣ ହୋଇପାରିଛି। ଏହି ବିଶେଷ ଦିନରେ, ମୁଁ ସମସ୍ତ କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଉଛି ଏବଂ ସମସ୍ତଙ୍କୁ ସେମାନଙ୍କ ପରିବାର, ସମାଜ ଏବଂ ଦେଶ ପାଇଁ ସର୍ବୋତ୍ତମ ଯୋଗଦାନ ଜାରି ରଖିବାକୁ ଉତ୍ସାହିତ କରୁଛି। ମୁଁ ଜିନ୍ଦଲ ବିଶ୍ୱକର୍ମା ସମ୍ମାନର ସମସ୍ତ ବିଜେତାଙ୍କୁ ମଧ୍ୟ ଅଭିନନ୍ଦନ ଜଣାଉଛି। ଆପଣଙ୍କ ପ୍ରତିଭା ଏବଂ ସମର୍ପଣ ଆମକୁ ଗର୍ବିତ କରୁଛି ଏବଂ ଜିନ୍ଦଲ ଷ୍ଟିଲ୍ ପରିବାରର ଅନ୍ୟମାନଙ୍କୁ ପ୍ରେରଣା ଦେଉଛି।"

ଏଥିସହ ଦାମୋଦର ମିତ୍ତଲ କହିଛନ୍ତି, 'ମୁଁ ଭଗବାନ ବିଶ୍ୱକର୍ମାଙ୍କ ନିକଟରେ ବିନମ୍ରତାର ସହ ପ୍ରାର୍ଥନା କରୁଛି ଯେ, ସେ ଆମକୁ ସୁରକ୍ଷା ଏବଂ ମାର୍ଗଦର୍ଶନ କରନ୍ତୁ, ଜିରୋ ହାର୍ମ (ଶୂନ୍ୟକ୍ଷତି) ସହିତ ଆମର ଲକ୍ଷ୍ୟ ହାସଲ କରିବା ପାଇଁ ଶକ୍ତି ଏବଂ ସୁରକ୍ଷା ଦିଅନ୍ତୁ। ଏହି ପବିତ୍ର ଦିନଟି ଆମର ଅନୁଗୁଳ ପ୍ଲାଣ୍ଟ ସହିତ ଜଡ଼ିତ ସମସ୍ତଙ୍କ ପାଇଁ ଆନନ୍ଦ, ଶାନ୍ତି ଏବଂ ସମୃଦ୍ଧି ଆଣିଦେଉ।'

ପ୍ଲେଟ୍ ମିଲ୍‌ରେ ମୁଖ୍ୟ ଉତ୍ସବ ବ୍ୟତୀତ, ଦେବଭୂମି ଜିନ୍ଦଲ ନଗରର ଜଗନ୍ନାଥ ମନ୍ଦିର, ନବୀନ ଜିନ୍ଦଲ ସ୍କିଲ୍ ସେଣ୍ଟର୍ ଫର୍ ଆଡଭାନ୍ସଡ୍ ୱେଲ୍ଡିଂ ଟେକ୍ନୋଲୋଜି ଏବଂ ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ସ୍ୱତନ୍ତ୍ର ପୂଜା କରାଯାଇଥିଲା। ଏଥିରେ ଜିନ୍ଦଲ ନଗରର ବାସିନ୍ଦା ଏବଂ କର୍ମଚାରୀମାନେ ବହୁ ସଂଖ୍ୟାରେ ଅଂଶଗ୍ରହଣ କରିଥିଲେ, ଯାହା ଏହି ବିଶ୍ୱକର୍ମା ପୂଜା ଉତ୍ସବକୁ ସ୍ମରଣୀୟ କରିଥିଲା।

ମୁଖ୍ୟ ମାନବ ସମ୍ବଳ ଅଧିକାରୀ ଦିଲୀପ କୁମାର ସିହ୍ନାଙ୍କ ମାର୍ଗଦର୍ଶନରେ ମାନବ ସମ୍ବଳ ଏବଂ ପ୍ରଶାସନ ବିଭାଗ ଦ୍ୱାରା ସମଗ୍ର କାର୍ଯ୍ୟକ୍ରମଟି ସୁବ୍ୟବସ୍ଥିତ ଭାବରେ ଆୟୋଜିତ ହୋଇଥିଲା।

# ଦେଶକୁ ପ୍ରଭାବିତ କରିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବକ୍ତବ୍ୟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ରାଜନୈତିକ ଯାତ୍ରାରେ ତାଙ୍କର ସ୍ଲୋଗାନ ଏବଂ ବକ୍ତବ୍ୟ କେବଳ ବାକ୍ୟାଂଶ ନୁହେଁ, ବରଂ ଜନ ଜାଗରଣ, ଜାତୀୟ ଗୌରବ ଏବଂ ସାଂସ୍କୃତିକ ପ୍ରତୀକ ପାଇଁ ଏକ ଉପକରଣ।

ସରଳତା ସହିତ ଗଭୀରତାର ମିଶ୍ରଣ କରି ସେ ଭାରତୀୟ ରାଜନୈତିକ ମତ ବିନିମୟକୁ ପୁନଃପରିଭାଷିତ କରିଛନ୍ତି। ଗୁଜରାଟର ତୃଣମୂଳ ସ୍ତରର ସୃଜନଶୀଳତା ଠାରୁ ଆରମ୍ଭ କରି ପ୍ରଧାନମନ୍ତ୍ରୀ ଭାବେ ବିଶ୍ୱସ୍ତରୀୟ ଅଭିଯାନ ପର୍ଯ୍ୟନ୍ତ, ଶ୍ରୀ ମୋଦୀଙ୍କ ଶବ୍ଦରେ ଜଣେ ନେତାଙ୍କ କାହାଣୀ ରହିଛି, ଯିଏ ଭାଷାକୁ ଏକ ଆନ୍ଦୋଳନରେ ପରିଣତ କରିଛନ୍ତି।

ଶ୍ରୀ ମୋଦୀଙ୍କ ଶୈଳୀର ସ୍ୱତନ୍ତ୍ର କେବଳ ବିଷୟ ବସ୍ତୁରେ ନଥାଏ, ବରଂ ତାହା ଛନ୍ଦ, କ୍ଷୁଦ୍ର ବାକ୍ୟ, ସ୍ମରଣୀୟ ପ୍ରତିଛବି ଏବଂ ଆଧୁନିକ ଆବଶ୍ୟକତା ସହିତ ପରମ୍ପରାର ମିଶ୍ରଣ ଆଧାରିତ ହୋଇଥାଏ। ସେ ସନ୍ଥମାନଙ୍କୁ ଉଦ୍ଧୃତ କରିବା ଠାରୁ ଆରମ୍ଭ କରି ଏସଇଜେଡର ପ୍ରତିଶ୍ରୁତି ଦେବା ପର୍ଯ୍ୟନ୍ତ, ମାଆମାନଙ୍କୁ ଆହ୍ୱାନ କରିବା ଠାରୁ ଆରମ୍ଭ କରି ଆତଙ୍କବାଦ ବିରୁଦ୍ଧରେ ଯୁଦ୍ଧ ଘୋଷଣା କରିବା ପର୍ଯ୍ୟନ୍ତ କାର୍ଯ୍ୟ ନିଜର ବକ୍ତବ୍ୟ ମାଧ୍ୟମରେ କରିପାରିବେ। ପ୍ରତ୍ୟେକ ବାକ୍ୟାଂଶ ଉଭୟ ଏକ ବ୍ୟକ୍ତିଗତ ଦୃଢ଼ ବିଶ୍ୱାସ ଏବଂ ଏକ ସାମୂହିକ ମିଶନ ପରି ଅନୁଭବ କରାଇଥାଏ।

ତାଙ୍କର ସ୍ଲୋଗାନ ଏବଂ ଉକ୍ତି ଦର୍ଶାଇଥାଏ ଯେ କିପରି ଜଣେ ନେତା ଭାଷାକୁ ପ୍ରଶାସନରେ ପରିଣତ କରିଛନ୍ତି, ଲକ୍ଷ ଲକ୍ଷ ଲୋକଙ୍କୁ ସରଳ ଶବ୍ଦ ଜରିଆରେ ଏକତ୍ରିତ କରିପାରିଛନ୍ତି। ତାଙ୍କର ଭାଷା ଏକ ସଂକଳ୍ପକୁ ବ୍ୟକ୍ତ କରିଥାଏ।

**ମାନବତା ଏବଂ ସେବା :** ତାଙ୍କ ସାର୍ବଜନୀନ ଜୀବନର ପ୍ରାରମ୍ଭରୁ, ନରେନ୍ଦ୍ର ମୋଦୀ ଜଣେ ଶାସକ ଭାବରେ ନୁହେଁ ବରଂ ଲୋକଙ୍କ ସେବକ ଭାବରେ ନିଜର ପରିଚୟ ଗଢ଼ିଥିଲେ। ମୁଖ୍ୟମନ୍ତ୍ରୀ ଭାବେ ସେ ଗୁଜରାଟୀମାନଙ୍କୁ ମନେ ପକାଇ ଦେଇଥିଲେ ଯେ ତାଙ୍କ କାର୍ଯ୍ୟକାଳ ବ୍ୟକ୍ତିଗତ ଅଭିଳାଷ କାରଣରୁ ନୁହେଁ, ବରଂ ଲୋକଙ୍କ ଆଶୀର୍ବାଦ କାରଣରୁ ଥିଲା। ସେ କ୍ଷମତାକୁ ସେବା ଭାବେ ଏବଂ ନିଜକୁ ଏହାର ତତ୍ତ୍ୱାବଧାରକ ଭାବେ ପ୍ରସ୍ତୁତ କରିଥିଲେ।

ଯେତେବେଳେ ସେ ୨୦୧୪ ରେ ପ୍ରଧାନମନ୍ତ୍ରୀ ହୋଇଥିଲେ, ଏହି ବିଷୟବସ୍ତୁ ଜାରି ରହିଥିଲା। ତାଙ୍କର ପ୍ରଥମ ସ୍ୱାଧୀନତା ଦିବସ ଭାଷଣରେ, ସେ ପ୍ରଧାନମନ୍ତ୍ରୀ ସ୍ଥାନରେ ପ୍ରଧାନ ସେବକ ଶବ୍ଦଟି ଉଲ୍ଲେଖ କରିଥିଲେ, ଯାହା ତାଙ୍କ ବିଚାରର ସଙ୍କେତ ଦେଇଥିଲା 'ନେତୃତ୍ୱର ଅର୍ଥ ହେଉଛି ପ୍ରତ୍ୟେକ ନାଗରିକଙ୍କ ସେବା କରିବା।'

**ଭାଷଣ ପରିବର୍ତ୍ତେ ପଦକ୍ଷେପ ଗ୍ରହଣ :** ବଡ଼ ଘୋଷଣା ଉପରେ ନିର୍ଭର କରୁଥିବା ଅନେକ ରାଜନୈତିକ ନେତାଙ୍କ ବିପରୀତ, ଶ୍ରୀ ମୋଦୀ ସ୍ପଷ୍ଟ କରିଥିଲେ ଯେ ସେ କେବଳ ତାହା ହିଁ କହିବେ ଯାହା ସଂକଳ୍ପ ଉପରେ ଆଧାରିତ ହେବ। ଗୁଜରାଟରେ, ସେ ପ୍ରାୟତଃ ଲୋକମାନଙ୍କୁ କହୁଥିଲେ ଯେ, ଯାହା ସେ ପ୍ରଦାନ କରିପାରିବେ ନାହିଁ ସେ ବିଷୟରେ କେବେ କହି ନାହାନ୍ତି, ଏବଂ ସେ ଯାହା ପ୍ରତିଶ୍ରୁତି ଦେଇଛନ୍ତି ତାହାକୁ ପୂରଣ କରିବେ।

ଦିଲ୍ଲୀରେ ମଧ୍ୟ ଏହି ସମାନ ଆଭିମୁଖ୍ୟକୁ ବ୍ୟାପକ କରାଯାଇଥିଲା। ପ୍ରଧାନମନ୍ତ୍ରୀ ଭାବରେ, ସେ ଦେଶକୁ ସ୍ମରଣ କରାଇ ଦେଇଥିଲେ ଯେ ଘୋଷଣାପତ୍ରର ପ୍ରତ୍ୟେକ ପ୍ରତିଶ୍ରୁତିକୁ ଦୃଢ଼ତାର ସହିତ ପୂରଣ କରାଯାଇଛି। ତାଙ୍କ ଭାଷଣକୁ ବିତରଣ ସହିତ ଯୋଡ଼ା ଯାଇଛି। ତାଙ୍କ କଥାର ବିଶ୍ୱସନୀୟତାକୁ ସରକାରଙ୍କ ବିଶ୍ୱସନୀୟତାରେ ପରିଣତ କରିବା ଉପରେ ସର୍ବଦା ଗୁରୁତ୍ୱ ଦିଆଯାଇଛି।



**ସମାଜର ଏକୀକରଣ :** ଶ୍ରୀ ମୋଦୀଙ୍କର ଏକ ପ୍ରମୁଖ ଯୋଗାଯୋଗ ରଣନୀତି ହେଉଛି ସରକାରୀ କାର୍ଯ୍ୟକ୍ରମଗୁଡ଼ିକୁ ଜନ ଆନ୍ଦୋଳନରେ ପରିଣତ କରିବା। ମୁଖ୍ୟମନ୍ତ୍ରୀ ଭାବରେ, ତାଙ୍କର ଗରିବ କଲ୍ୟାଣ ମେଳା କେବଳ ଲାଭ ବଣ୍ଟନ କରିନଥିଲା। ସେଗୁଡ଼ିକ ଜିଲ୍ଲାଗୁଡ଼ିକ ମଧ୍ୟରେ ସୁସ୍ଥ ପ୍ରତିଯୋଗିତାକୁ ପ୍ରୋତ୍ସାହିତ କରିଥିଲା। ସେ 'ସେବା ପ୍ରତିଦ୍ୱନ୍ଦ୍ୱିତା' ଆରମ୍ଭ କରିଥିଲେ ଯାହା ପ୍ରଭାବକୁ ବହୁଗୁଣିତ କରିଥିଲା।

ପ୍ରଧାନମନ୍ତ୍ରୀ ଭାବରେ, ସେ ଏହାକୁ ଏକ ଜାତୀୟ ଦର୍ଶନରେ ବିସ୍ତାର କରିଥିଲେ। ସ୍ୱଚ୍ଛ ଭାରତ ଅଭିଯାନକୁ କେବଳ ଏକ ସରକାରୀ ଯୋଜନା ଭାବରେ ଉପସ୍ଥାପିତ କରାଯାଇ ନଥିଲା। ଏହାକୁ ଏକ ସାମୂହିକ କର୍ତ୍ତବ୍ୟ ଭାବରେ ଉପସ୍ଥାପନ କରାଯାଇଥିଲା ଯେଉଁଥିରେ ପ୍ରତ୍ୟେକ ପରିବାର ଅଂଶଗ୍ରହଣ କରିପାରିବେ। ତାଙ୍କର ଆହ୍ୱାନ ସ୍ୱଚ୍ଛତାକୁ ଏକ ନୀତିରୁ ଏକ ବ୍ୟକ୍ତିଗତ ପ୍ରତିଜ୍ଞାରେ ପରିଣତ କରିଥିଲା।

**ଶିକ୍ଷା ପ୍ରଥମ :** ଶ୍ରୀ ମୋଦୀଙ୍କ ଭାଷଣରେ ଶିକ୍ଷା ଏକ ସ୍ଥାୟୀ ଆଭିମୁଖ୍ୟ ରୂପେ ରହିଆସିଛି, ଯାହାକୁ ଦାରିଦ୍ର୍ୟ ବିରୁଦ୍ଧରେ ସବୁଠାରୁ ଶକ୍ତିଶାଳୀ ଅସ୍ତ୍ର ଭାବରେ ବର୍ଣ୍ଣନା କରାଯାଇଛି। ମୁଖ୍ୟମନ୍ତ୍ରୀ ଭାବରେ, ସେ ସାକ୍ଷରତା ଅଭିଯାନକୁ ସମର୍ଥନ କରିଥିଲେ, ବିଶେଷକରି ମହିଳା ଏବଂ ଗ୍ରାମାଞ୍ଚଳ ପିଲାମାନଙ୍କ ପାଇଁ ଏହାକୁ ମର୍ଯ୍ୟାଦା ଏବଂ ସଶକ୍ତିକରଣର ମୂଳଦୁଆ ଭାବରେ ପ୍ରସ୍ତୁତ କରିଥିଲେ।

ପ୍ରଧାନମନ୍ତ୍ରୀ ଭାବରେ, ଏହି ଦୃଢ଼ ସଂକଳ୍ପ ଜାତୀୟ ଶିକ୍ଷା ନୀତି(ଏନଇପି) ୨୦୨୦ ଭଳି ଐତିହାସିକ ପଦକ୍ଷେପ ନେଇଥିଲା। ସେ ଛାତ୍ରଛାତ୍ରୀମାନଙ୍କୁ ଭାରତର ଭବିଷ୍ୟତର ସ୍ଥପତି ଭାବରେ ବର୍ଣ୍ଣନା କରିଥିଲେ, ଶ୍ରେଣୀଗୃହଗୁଡ଼ିକୁ ଏକ ନୂତନ ଭାରତର ଇନକ୍ୟୁବେଟର ଭାବରେ ଗଠନ କରିଥିଲେ। ତାଙ୍କର ଭାଷଣ ଶିକ୍ଷାକୁ କେବଳ ଏକ କଲ୍ୟାଣକାରୀ ପଦକ୍ଷେପ ଭାବରେ ନୁହେଁ, ବରଂ ଏକ ରାଷ୍ଟ୍ର ନିର୍ମାଣ ଭାବରେ ସ୍ଥାନିତ କରିଥିଲା।

**ମହିଳା-ନେତୃତ୍ୱାଧୀନ ବିକାଶ :** ଶ୍ରୀ ମୋଦୀ ମୁଖ୍ୟମନ୍ତ୍ରୀ ଥିବା ସମୟରେ ମଧ୍ୟ ଶାସନରେ ମହିଳାଙ୍କ ସମାନ ଅଂଶଗ୍ରହଣକୁ ସମର୍ଥନ କରିଥିଲେ। ସ୍ଥାନୀୟ ସ୍ୱାୟତ୍ତଶାସନରେ ମହିଳାମାନଙ୍କ ପାଇଁ ୫୦% ସଂରକ୍ଷଣ ପ୍ରଦାନ କରିବା ଲାଗି ଗୁଜରାଟର ଅଗ୍ରଣୀ ନିଷ୍ପତ୍ତି ନାରୀ ଶକ୍ତିରେ ତାଙ୍କ ବିଶ୍ୱାସର ଏକ ପ୍ରାରମ୍ଭିକ ଉଦାହରଣ ହୋଇଥିଲା।

ଜାତୀୟ ସ୍ତରରେ ସେ ଏହି ଧାରାକୁ ଆହୁରି ଆଗକୁ ବଢ଼ାଇଥିଲେ। ବେଟି ବଚାଓ ବେଟି ପଢ଼ାଓ ଉପରେ ତାଙ୍କର ଭାଷଣ ଏବଂ ସଂସଦରେ ମହିଳା ସଂରକ୍ଷଣ ବିଲ୍ ପାସ୍ ସମୟରେ ସେ ମହିଳାମାନଙ୍କୁ ହିତାଧିକାରୀ ଭାବରେ ନୁହେଁ, ବରଂ ବିକାଶର ନେତା ରୂପେ ଉଲ୍ଲେଖ କରିଥିଲେ।

**ପ୍ରଯୁକ୍ତିବିଦ୍ୟା ଏବଂ ନବସୃଜନ :** ପ୍ରଯୁକ୍ତିବିଦ୍ୟା ଉପରେ ଶ୍ରୀ ମୋଦୀଙ୍କ ବକ୍ତବ୍ୟ ଭବିଷ୍ୟତବାଦ ଏବଂ ସରଳତା ଉଭୟକୁ ପ୍ରତିଫଳିତ କରେ। ମୁଖ୍ୟମନ୍ତ୍ରୀ ଭାବରେ, ସେ ଭାରତର ଭବିଷ୍ୟତ ପାଇଁ 'ଆଇଟି' : ଭାରତୀୟ ପ୍ରତିଭା ଏବଂ ସୂଚନା ପ୍ରଯୁକ୍ତିବିଦ୍ୟାକୁ ଏକ ସୂତ୍ର ଭାବରେ ପ୍ରସ୍ତୁତ କରିଥିଲେ। ଗୁଜରାଟରେ ବିଶ୍ୱର ପ୍ରଥମ ଫୋରେନସିକ୍ ବିଜ୍ଞାନ ବିଶ୍ୱବିଦ୍ୟାଳୟ ସୃଷ୍ଟି ତାଙ୍କ ପ୍ରଯୁକ୍ତିବିଦ୍ୟା-ନେତୃତ୍ୱାଧୀନ ଶାସନର ଏକ ପ୍ରାରମ୍ଭିକ ପ୍ରତୀକ ହୋଇଛି।

ପ୍ରଧାନମନ୍ତ୍ରୀ ଭାବରେ, ସେ ଏହି କଥାକୁ ବିଶ୍ୱସ୍ତରରେ ମଧ୍ୟ ଆଗକୁ ନେଇଥିଲେ, ଏଆଇ, କ୍ୱାଣ୍ଟମ୍ କମ୍ପ୍ୟୁଟିଂ ଏବଂ ମହାକାଶ ଅନୁସନ୍ଧାନରେ ଭାରତର ଭୂମିକାକୁ ଗୁରୁତ୍ୱ ଦେଇଥିଲେ। ତାଙ୍କର ଅଭିଭାଷଣ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟାକୁ ଜାତୀୟ ଗୌରବ ଏବଂ ବ୍ୟବହାରିକ ଶାସନ ସହିତ ଯୋଡ଼ିଥିଲା।

**ଗଣତନ୍ତ୍ର ଏବଂ ରାଷ୍ଟ୍ରବାଦ :** ପ୍ରଧାନମନ୍ତ୍ରୀ ମୋଦୀଙ୍କ ପାଇଁ, ଗଣତନ୍ତ୍ର ଏକ ଉଧାର ଅଣାଯାଇଥିବା ପାଶ୍ଚାତ୍ୟ ଧାରଣା ନୁହେଁ ବରଂ ଭାରତର ସଭ୍ୟତା ଶକ୍ତି। ମୁଖ୍ୟମନ୍ତ୍ରୀ ଭାବରେ, ସେ ପ୍ରାୟତଃ ଚେତାବନୀ ଦେଉଥିଲେ ଯେ ସ୍ୱାଧୀନତା ପାଇଁ ସତର୍କତା ଆବଶ୍ୟକ ଏବଂ ଭୁଲ ସଂଶୋଧନ କରିବାର କ୍ଷମତାରେ ଗଣତନ୍ତ୍ରର ଶକ୍ତି ନିହିତ ରହିଛି।

ପ୍ରଧାନମନ୍ତ୍ରୀ ଭାବରେ, ସେ ଏହି ବାର୍ତ୍ତାକୁ ବିଶ୍ୱସ୍ତରରେ ପ୍ରସାରିତ କରିଥିଲେ, ଜାତିସଂଘରେ ଘୋଷଣା କରିଥିଲେ ଯେ ଭାରତରେ ଗଣତନ୍ତ୍ର ଏକ ବ୍ୟବସ୍ଥା ନୁହେଁ ବରଂ ଜୀବନଶୈଳୀ। ତାଙ୍କର ଭାଷଣରେ ଗଣତନ୍ତ୍ରକୁ ଭାରତର ନୈତିକ ଦିଗଦର୍ଶକ ଏବଂ ଏହାର ସର୍ବୋତ୍ତମ ରପ୍ତାନି ଭାବରେ ଉପସ୍ଥାପନ କରାଯାଇଥିଲା।

**ସୁରକ୍ଷା ଏବଂ ସଂକଳ୍ପ :** ଭାରତରେ କେବଳ ହାତଗଣତି ନେତା ଶ୍ରୀ ମୋଦୀଙ୍କ ପରି ସିଧାସଳଖ ଜାତୀୟ ସୁରକ୍ଷା ବିଷୟରେ କହିଛନ୍ତି। ମୁଖ୍ୟମନ୍ତ୍ରୀ ଭାବରେ, ସେ ଆତଙ୍କବାଦ ଆଗରେ ପଛକୁ ହଟିବାକୁ ମନା କରିଥିଲେ ଏବଂ ଏକ ସାଲିସବିହୀନ ଲଢ଼େଇର ପ୍ରତିଶ୍ରୁତି ଦେଇଥିଲେ।

ପ୍ରଧାନମନ୍ତ୍ରୀ ଭାବରେ, ସେ ଏହି ସଂକଳ୍ପକୁ ଏକ ଜାତୀୟ ସିଦ୍ଧାନ୍ତ ରୂପେ ଆହୁରି ଶାଣିତ କରିଥିଲେ, ଯାହା ବାଲାକୋଟ ଆକ୍ରମଣ ପରେ ତାଙ୍କର ସ୍ପଷ୍ଟ ବାର୍ତ୍ତା ଦ୍ୱାରା ପ୍ରଦର୍ଶିତ ହୋଇଥିଲା। ତାଙ୍କ ଶବ୍ଦରେ ପ୍ରତିରୋଧ ଏବଂ ଆହ୍ୱାନ ଉଭୟ ଥିଲା, ଯାହା ଏକ ଶକ୍ତିଶାଳୀ ସୁରକ୍ଷା ଦୃଷ୍ଟିକୋଣକୁ ପ୍ରତିଫଳିତ କରୁଥିଲା।

ଅପରେସନ ସିନ୍ଦୂର ପରେ, ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣ ଦେଶରେ ଦେଶପ୍ରେମର ଏକ ଲହର ସୃଷ୍ଟି କରିଥିଲା ଯାହା ଆତଙ୍କବାଦ ବିରୋଧରେ ଲଢ଼ିବା କ୍ଷେତ୍ରରେ ଭାରତ ପାଇଁ ନୂତନ ସ୍ୱାଭାବିକତାକୁ ପରିଭାଷିତ କରିଥିଲା।

ଭୁବନେଶ୍ୱର
୧୮ ସେପ୍ଟେମ୍ବର,
ଗୁରୁବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27


# ବାଲୁକା ଚିତ୍ରକଳାରେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଜନ୍ମଦିନର ଶୁଭେଚ୍ଛା




**ପୁରୀ, ୧୭/୦୮ ନ୍ୟୁଜ ବ୍ୟୁରୋ**

ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୫ତମ ଜନ୍ମ ଦିବସ ପାଳିତ ହୋଇଯାଇଛି । ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ଅବସରରେ ବାଲୁକା ଚିତ୍ରକଳା ମାଧ୍ୟମରେ ଶୁଭେଚ୍ଛା ଜଣାଇଛନ୍ତି ବାଲୁକା ଚିତ୍ରଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ । ପୁରୀର ନୀଳାଦ୍ରି ବିଚ୍‌ରେ ବାଲୁକା ଚିତ୍ରକଳାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବାଲୁକା ପ୍ରତିକୃତି ନିର୍ମାଣ କରିଛନ୍ତି ସୁଦର୍ଶନ । ୫ ଫୁଟ ଉଚ୍ଚର ଏହି ବାଲୁକା କଳାରେ ପାଖାପାଖି ୬ ଟନ୍ ବାଲି ବ୍ୟବହାର କରାଯାଇଥିବା ବେଳେ ୭୫୦ଟି ପଦ୍ମ ଫୁଲକୁ ଏହି ଚିତ୍ରକଳାରେ ସ୍ଥାନ ଦିଆଯାଇଛି । ଏଥି ସହିତ ଏହି ବାଲୁକା ଚିତ୍ରକଳାରେ 'ଭାରତ କି ଉଡାନ ମୋଦୀ କେ ସାଥ'ର ବାର୍ତ୍ତା ରହିଛି । ଯାହାକି ବାଲୁକା ଚିତ୍ରକଳାକୁ ବହୁତ୍ ଆକର୍ଷଣୀୟ କରିଛି । ପ୍ରଧାନମନ୍ତ୍ରୀଙ୍କ ଦୃଢ଼ ନେତୃତ୍ୱ ଯୋଗୁ ବିଗତ ଏକ ଦଶନ୍ଧିରେ ଭାରତ ପ୍ରଗତି ପଥରେ ଆଗେଇ ଚାଲିଛି । ଭିତ୍ତିଭୂମି, ଡିଜିଟାଲ ଭିତ୍ତିଭୂମି, ଉନ୍ନତ ସ୍ୱାସ୍ଥ୍ୟ ଭିତ୍ତିଭୂମି, ଅକ୍ଷୟ ଶକ୍ତି, ପ୍ରତିରକ୍ଷା ଏବଂ ମହାକାଶ ଗବେଷଣାରେ ଭାରତର ପ୍ରଗତି ବାର୍ତ୍ତା ଏହି ବାଲୁକା ଚିତ୍ରକଳାରେ ରହିଛି ।

# ଶ୍ରୀମନ୍ଦିର ଓ ନିକଟବର୍ତ୍ତୀ ଅଞ୍ଚଳରେ ଲାଗିବ ଆଣ୍ଟି ଡ୍ରୋନ

**କଟକ, ୧୭/୯ ନ୍ୟୁଜ ବ୍ୟୁରୋ**

ଓଡ଼ିଶା ପୋଲିସକୁ ଘାରିଛି ଶ୍ରୀମନ୍ଦିର ସୁରକ୍ଷା ଚିନ୍ତା । ବାରମ୍ବାର ଶ୍ରୀମନ୍ଦିର ଉପରେ ଡ୍ରୋନ ଉଡିବା ଘଟଣା ପୋଲିସ ପାଇଁ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଛି । ଏହାର ସମାଧାନ ପାଇଁ ପୁରୀ ଶ୍ରୀମନ୍ଦିର ଓ ମନ୍ଦିର ନିକଟବର୍ତ୍ତୀ ଅଞ୍ଚଳରେ ପୋଲିସ ଲଗାଇବାକୁ ଯାଉଛି ଆଣ୍ଟି ଡ୍ରୋନ ପ୍ରଣାଳୀ । ଏନେଇ ସୂଚନା ଦେଇଛନ୍ତି କେନ୍ଦ୍ରାଞ୍ଚଳ ଡିଆଇଜି ଡ଼କ୍ଟର ସତ୍ୟଜିତ ନାୟକ । ଆଣ୍ଟି ଡ୍ରୋନ ପ୍ରଣାଳୀ କିଣିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି । ନୋ ଫ୍ଲାଇଂ ଜୋନ କରାଯାଇ କିପରି ଏହା କାର୍ଯ୍ୟକ୍ଷମ କରାଯିବ ଏଥିପାଇଁ ସରକାର ଚିନ୍ତା କରୁଛନ୍ତି ବୋଲି କେନ୍ଦ୍ରାଞ୍ଚଳ ଡିଆଇଜି କହିଛନ୍ତି । ଆଣ୍ଟି ଡ୍ରୋନ ପ୍ରଣାଳୀ କାର୍ଯ୍ୟକ୍ଷମ ହେଲେ ଆଉ ଡ୍ରୋନ ଉଡି ପାରିବନାହିଁ । ଏହି ପ୍ରଣାଳୀର ହାଇଫ୍ରିକ୍ୟୁଏନ୍ସି ଡ୍ରୋନ ଗୁଡିକର ସିଗ୍ନାଲ ଅକାମି କରିଦେବ ବୋଲି କହିଛନ୍ତି କେନ୍ଦ୍ରାଞ୍ଚଳ ଡିଆଇଜି ଡ଼କ୍ଟର ସତ୍ୟଜିତ



ନାୟକ । ଆଣ୍ଟି ଡ୍ରୋନ ପ୍ରଣାଳୀର ରେଞ୍ଜରେ ରହିବ ଶ୍ରୀମନ୍ଦିର ଏବଂ ଏହାର ଆଖପାଖ ଅଞ୍ଚଳ । ସୁରକ୍ଷା ଉପକରଣ ଯୋଗାଣ କରୁଥିବା ସଂସ୍ଥା ଆଣ୍ଟି ଡ୍ରୋନ ପ୍ରଣାଳୀର ଯୋଗାଣ କରିବାକୁ ଥିବା ବେଳେ ଖୁବ୍ ଶୀଘ୍ର ଏହାର ଟେଣ୍ଡର କରାଯିବ ବୋଲି ସତ୍ୟଜିତ ନାୟକ କହିଛନ୍ତି । ଶ୍ରୀମନ୍ଦିର ଓ ପୁରୀ ପ୍ରସଙ୍ଗ ସହ ୭ ଜିଲ୍ଲାର ଏସ୍‌ପିଙ୍କୁ ନେଇ କଟକ ବକ୍ସିବଜାର ଡ଼ିଆଇଜି କାର୍ଯ୍ୟାଳୟରେ ବୈଠକ ବସିଥିଲା । ପୁରୀ ଶ୍ରୀମନ୍ଦିର, ସମୁଦ୍ରକୂଳ, ପର୍ଯ୍ୟଟକଙ୍କ ସୁରକ୍ଷା ଦିଗକୁ ମଜଭୁତ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି । ଏଥିସହ କେଉଁଠି ୨୪ ଘଣ୍ଟିଆ ସିସିଟିଭି ଲାଗିବ, କେଉଁଠି ୨୪ ଘଣ୍ଟିଆ ପାଟ୍ରୋଲିଂ ଦିଆଯାଇପାରିବ, ପୋଲିସ ଏଡପୋଷ୍ଟ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା । କେନ୍ଦ୍ରାଞ୍ଚଳ ରେଞ୍ଜରେ ଆଇନ ବ୍ୟବସ୍ଥା ଦିଗକୁ କିପରି ମଜଭୁତ କରିହେବ ସେନେଇ ଅଧିକ ଫୋକସ କରିଛନ୍ତି କେନ୍ଦ୍ରାଞ୍ଚଳ ଡ଼ିଆଇଜି । ସେହିପରି ପାର୍ବଣ ସମୟରେ ଅପରାଧ ରୋକିବାକୁ ଓଡ଼ିଶା ପୋଲିସ ମାଷ୍ଟର ପ୍ଲାନ ପ୍ରସ୍ତୁତ କରିଛି । ମହିଳା, ଶିଶୁ ଓ ବୟସ୍କ ବ୍ୟକ୍ତିଙ୍କ ଉପରେ ବଢୁଥିବା ଅପରାଧକୁ ରୋକିବା ଦିଗରେ ପୋଲିସର ଆଭିମୁଖ୍ୟ ଆହୁରି କଡାକଡି ଭାବରେ ପାଳନ ହେବ ବୋଲି କହିଛନ୍ତି ଡ଼ିଆଇଜି ଡକ୍ଟର ସତ୍ୟଜିତ ନାୟକ । ଶିଶୁ, ବରିଷ୍ଠ ନାଗରିକ, ମହିଳାଙ୍କ ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯାଇଥିଲା ।

# ପ୍ରଧାନମନ୍ତ୍ରୀ ଜନ୍ମଦିବସ ଅବସରରେ ସ୍ୱଚ୍ଛ ଭାରତ ଅଭିଯାନ



**ଭୁବନେଶ୍ୱର, ୧୭/୯ ନ୍ୟୁଜ ବ୍ୟୁରୋ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୫ତମ ଜନ୍ମଦିବସ ଅବସରରେ ବିଜେପି ପକ୍ଷରୁ ସ୍ୱଚ୍ଛ ଭାରତ ଅଭିଯାନ ଅନୁଷ୍ଠିତ ହୋଇଛି । ରାଜଧାନୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାମିଲ ହୋଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୫ତମ ଜନ୍ମଦିବସ ଅବସରରେ ବିଜେପି ପକ୍ଷରୁ ସ୍ୱଚ୍ଛ ଭାରତ ଅଭିଯାନ ଅନୁଷ୍ଠିତ ହୋଇଛି । ମାଷ୍ଟରକ୍ୟାଣ୍ଟିନ୍ ଛକଠାରେ ଆୟୋଜିତ ସ୍ୱଚ୍ଛ ଭାରତ ଅଭିଯାନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଓ ଓଡ଼ିଶା ବିଜେପି ପ୍ରଭାରୀ ବିଜୟ ସିଂ ତୋମାର୍ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଏଥିରେ ବିଧାୟକ ବାବୁ ସିଂହ, ଜଗନ୍ନାଥ ପ୍ରଧାନଙ୍କ ସମେତ କେତେକ ଅନ୍ୟ ବିଜେପି ନେତା ବି ସାମିଲ ହୋଇଥିଲେ ।

# ଧର୍ମାନ୍ତରୀକରଣ ବିରୋଧୀ ଆଇନକୁ ଚ୍ୟାଲେଞ୍ଜ କରୁଥିବା ଆବେଦନ ଉପରେ ରାଜ୍ୟଗୁଡ଼ିକୁ ସୁପ୍ରିମକୋର୍ଟଙ୍କ ନୋଟିସ୍

**ନୂଆଦିଲ୍ଲୀ, ୧୭/୯**

ସୁପ୍ରିମକୋର୍ଟ ଧର୍ମାନ୍ତରୀକରଣ ବିରୋଧୀ ଆଇନ ପ୍ରଣୟନ କରିଥିବା ରାଜ୍ୟଗୁଡ଼ିକୁ ଏହାର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରି ବିଭିନ୍ନ ଆବେଦନ ଉପରେ ସେମାନଙ୍କର ଉତ୍ତର ଦାଖଲ କରିବାକୁ କହିଛନ୍ତି । ପ୍ରଧାନ ବିଚାରପତି ଜଷ୍ଟିସ୍ ବି.ଆର୍ ଗଭାଇଙ୍କ ଅଧକ୍ଷତାରେ ବିଚାରପତି ଜଷ୍ଟିସ୍ କେ. ବିନୋଦ ଚନ୍ଦ୍ରନଙ୍କୁ ନେଇ ଗଠିତ ଖଣ୍ଡପୀଠ ଉତ୍ତର ପ୍ରଦେଶ, ମଧ୍ୟପ୍ରଦେଶ, ଉତ୍ତରାଖଣ୍ଡ, ଛତିଶଗଡ଼, ଗୁଜରାଟ, ହରିୟାଣା ଏବଂ ଅନ୍ୟାନ୍ୟ ରାଜ୍ୟ ସରକାରଙ୍କୁ ସେମାନଙ୍କର ଉତ୍ତର ଦାଖଲ କରିବାକୁ ଚାରି ସପ୍ତାହ ସମୟ ଦେଇଥିଲେ । ଶୁଣାଣି ସମୟରେ ସିଟିଜେନ୍ସ ଫର୍ ଜଷ୍ଟିସ୍ ଆଣ୍ଡ୍ ପିସ୍ ପାଇଁ ବରିଷ୍ଠ ଓକିଲ ଚନ୍ଦର ଉଦୟ ସିଂହ ଖଣ୍ଡପୀଠକୁ ଏହି ମାମଲାର ତୁରନ୍ତ ଶୁଣାଣି କରିବାକୁ ଅନୁରୋଧ କରିଥିଲେ । ଆବେଦନକାରୀଙ୍କ ପକ୍ଷରୁ ଉପସ୍ଥିତ ବରିଷ୍ଠ ଓକିଲ ଇନ୍ଦିରା ଜୟସିଂହ ଯୁକ୍ତି ଦେଇଥିଲେ ଯେ, ମଧ୍ୟପ୍ରଦେଶରେ ସ୍ଥାନୀୟ ସାଂସଦ ଆଇନର ଧାରା ୧୦ ଉପରେ ଏକ ମଧ୍ୟବର୍ତ୍ତୀକାଳୀନ ସ୍ଥଗିତାଦେଶ ଅଛି ଏବଂ ସେ ସୁପ୍ରିମକୋର୍ଟରେ ମାମଲାର ଶୁଣାଣି ନ କରିବା ପର୍ଯ୍ୟନ୍ତ ଏହି ନିର୍ଦ୍ଦେଶ ଜାରି ରଖିବାକୁ ଚାହାନ୍ତି । ଶ୍ରୀ ସିଂହ କହିଛନ୍ତି ଯେ, ଗୁଜରାଟ ଆଇନର ଏକ ବ୍ୟବସ୍ଥା ଏବଂ ମଧ୍ୟପ୍ରଦେଶ ଆଇନର ଏକ ବ୍ୟବସ୍ଥା ଉପରେ ସ୍ଥଗିତାଦେଶ ଦିଆଯାଇଛି ଏବଂ ସେହି ଆବେଦନଗୁଡ଼ିକୁ ଏଠାକୁ ସ୍ଥାନାନ୍ତର କରାଯାଇଛି, ତେଣୁ ସ୍ଥଗିତାଦେଶ ଜାରି ରହିଛି ଏବଂ ସ୍ଥଗିତାଦେଶ ସେହି ଆଇନଗୁଡ଼ିକ ପାଇଁ ସୀମିତ । ସେ କହିଛନ୍ତି ଯେ, ଉତ୍ତର ପ୍ରଦେଶରେ ୨୦୨୪ ଆଇନକୁ ଚ୍ୟାଲେଞ୍ଜ କରି ଏକ ହସ୍ତକ୍ଷେପ ଆବେଦନ ଦାଖଲ କରାଯାଇଛି । ଏହା ଉପରେ ମଧ୍ୟ ନୋଟିସ୍ ଜାରି କରିବାକୁ ଦାବି କରାଯାଇଛି । ଶ୍ରୀ ସିଂହ ଯୁକ୍ତି ଦେଇଥିଲେ ଯେ, ୨୦୨୪ ସଂଶୋଧନରେ ଅନେକ ପରିବର୍ତ୍ତନ ଅଛି ଏବଂ ତୃତୀୟ ପକ୍ଷ ଅଭିଯୋଗ ଦାଖଲ କରିପାରିବେ, ପୀଡ଼ିତ ବ୍ୟକ୍ତି ନୁହେଁ । ଏହି ସମସ୍ତ ଯାଞ୍ଚ, ସନ୍ତୁଳନ ଏବଂ ପ୍ରତିବନ୍ଧକ ତୁରନ୍ତ କାର୍ଯ୍ୟକାରୀ ହୋଇଥାଏ । ଶ୍ରୀ ସିଂହ ଆହୁରି ଯୁକ୍ତି ଦେଇଥିଲେ ଯେ,'ଏହାର ପରିଣାମ ସ୍ୱରୂପ, ଆନ୍ତଃଧର୍ମିକ ବିବାହ, ସାଧାରଣ ଚର୍ଚ୍ଚ ରୀତିନୀତି ଏବଂ ପର୍ବପର୍ବାଣୀ ସମୟରେ ଲୋକମାନେ ବହୁମାତ୍ରାରେ ହଇରାଣର ସମ୍ମୁଖୀନ ହେଉଛନ୍ତି । ଭିଡ଼ ଆସି ସେମାନଙ୍କୁ ଉଠାଇ ନେଇଯାଏ ।' ଓକିଲ ଯୁକ୍ତି ଦେଇଥିଲେ ଯେ, ଏହି ଆଇନଗୁଡ଼ିକୁ 'ଧର୍ମର ସ୍ୱାଧୀନତା ଆଇନ' କୁହାଯାଏ, କିନ୍ତୁ ଏହା ସଂଖ୍ୟାଲଘୁଙ୍କ ଧାର୍ମିକ ସ୍ୱାଧୀନତାକୁ ହ୍ରାସ କରୁଛି ଏବଂ ଆନ୍ତଃଧର୍ମିକ ବିବାହକୁ ଟାର୍ଗେଟ କରୁଛି । ଆଇନଜୀବୀ ଖଣ୍ଡପୀଠକୁ



ସଂଶୋଧନ ଆବେଦନ ଗ୍ରହଣ କରିବାକୁ ଅନୁରୋଧ କରିଥିଲେ, କାରଣ ଏହା କେବଳ ଆଇନର ସଂଶୋଧିତ ବ୍ୟବସ୍ଥାକୁ ଚ୍ୟାଲେଞ୍ଜ କରେ । ଆଇନକୁ ବିରୋଧ କରୁଥିବା ପକ୍ଷମାନଙ୍କ ମଧ୍ୟରୁ ଜଣେ ପ୍ରତିନିଧିତ୍ୱ କରୁଥିବା ବରିଷ୍ଠ ଓକିଲ ସଞ୍ଜୟ ହେଗଡେ କହିଛନ୍ତି ଯେ, ତାଙ୍କ ମକ୍କେଲ ମଧ୍ୟପ୍ରଦେଶ ହାଇକୋର୍ଟରେ ଆବେଦନକାରୀଙ୍କ ମଧ୍ୟରୁ ଜଣେ ଥିଲେ ଏବଂ ମୋତେ ସୁପ୍ରିମକୋର୍ଟରେ ପକ୍ଷ କରାଯାଇ ନାହିଁ । 'ମଧ୍ୟପ୍ରଦେଶ ସରକାର ଏକ ମଧ୍ୟବର୍ତ୍ତୀକାଳୀନ ଆଦେଶ ବିରୁଦ୍ଧରେ ସୁପ୍ରିମକୋର୍ଟ ଆସିଥିଲେ ଏବଂ ବିଚାରପତି ନୋଟିସ୍ ଜାରି କରିଛନ୍ତି ଯେ, ମୁଁ ଏଥିରେ ନିଜେ ପକ୍ଷକାର ହେବାକୁ ଚାହୁଁଛି,' ବୋଲି ହେଗଡେ କହିଛନ୍ତି । ଉପସ୍ଥାପନା ଶୁଣିବା ପରେ ଖଣ୍ଡପୀଠ, ଅତିରିକ୍ତ ସଲିସିଟର ଜେନେରାଲ କେଏମ୍ ନଟରାଜଙ୍କୁ ଆଇନ ସଂଶୋଧନ ଉପରେ ସ୍ଥଗିତାଦେଶ ପାଇଁ ଆବେଦନ ଉପରେ ରାଜ୍ୟ ସରକାରଙ୍କ ଜବାବ ଦାଖଲ କରିବାକୁ କହିଥିଲେ । ବଳପୂର୍ବକ ଏବଂ ପ୍ରତାରଣାମୂଳକ ଧାର୍ମିକ ଧର୍ମାନ୍ତରୀକରଣ ବିରୁଦ୍ଧରେ ଏକ ସର୍ବଭାରତୀୟ ଆଇନ ପାଇଁ ଓକିଲ ଅଶ୍ୱିନୀ ଉପାଧ୍ୟାୟଙ୍କ ଦ୍ୱାରା ଦାଖଲ କରାଯାଇଥିବା ଆବେଦନକୁ ମଧ୍ୟ ଖଣ୍ଡପୀଠ ଡି-ଟ୍ୟାଗ୍ କରିଥିଲେ । ୨୦୨୦ ମସିହାରେ ସର୍ବୋଚ୍ଚ ନ୍ୟାୟାଳୟ ଧାର୍ମିକ ଧର୍ମାନ୍ତରୀକରଣ ସମ୍ବନ୍ଧୀୟ ଆଇନ ବିରୁଦ୍ଧରେ ନାଗରିକ ନ୍ୟାୟ ଏବଂ ଶାନ୍ତିର ଆବେଦନ ଉପରେ ନୋଟିସ୍ ଜାରି କରିଥିଲେ । ପରେ ଜମାତ ଉଲେମା-ଏ-ହିନ୍ଦ ବିଭିନ୍ନ ରାଜ୍ୟ ଦ୍ୱାରା ପ୍ରଣୟନ କରାଯାଇଥିବା ଧର୍ମାନ୍ତରୀକରଣ ସମ୍ବନ୍ଧୀୟ ଆଇନ ବିରୁଦ୍ଧରେ ଛଅଟି ଉଚ୍ଚ ନ୍ୟାୟାଳୟରେ ବିଚାରାଧୀନ ଅନେକ ମାମଲା ସ୍ଥାନାନ୍ତର କରିବା ପାଇଁ ସୁପ୍ରିମକୋର୍ଟରେ ଏକ ସ୍ଥାନାନ୍ତର ଆବେଦନ ଦାଖଲ କରିଥିଲା । ଯେଉଁ ଆଇନଗୁଡ଼ିକୁ ଚ୍ୟାଲେଞ୍ଜ କରାଯାଉଛି ସେଥିରେ ହିମାଚଳ ପ୍ରଦେଶ ଧର୍ମ ସ୍ୱାଧୀନତା ଆଇନ ୨୦୧୯, ମଧ୍ୟପ୍ରଦେଶ ଧର୍ମ ସ୍ୱାଧୀନତା ଅଧ୍ୟାଦେଶ ୨୦୨୦, ଉତ୍ତର ପ୍ରଦେଶ ବେଆଇନ ଧର୍ମ ପରିବର୍ତ୍ତନ ନିଷେଧ ଅଧ୍ୟାଦେଶ ୨୦୨୦ ଏବଂ ଉତ୍ତରାଖଣ୍ଡରେ ସମାନ ଆଇନ ଅନ୍ତର୍ଭୁକ୍ତ । ଏହି ଆଇନଗୁଡ଼ିକ ବଳପୂର୍ବକ କିମ୍ବା ପ୍ରତାରଣାମୂଳକ ଧର୍ମ ପରିବର୍ତ୍ତନକୁ ରୋକିବା ପାଇଁ ଉଦ୍ଦିଷ୍ଟ, କିନ୍ତୁ କଥିତ ଭାବେ ବ୍ୟକ୍ତିଗତ ସ୍ୱାଧୀନତାର ଅପବ୍ୟବହାର ଏବଂ ଉଲ୍ଲଂଘନ ପାଇଁ ସମାଲୋଚନା କରାଯାଇଛି ।

## ମେଣ୍ଟେନାନ୍ସ ଟଙ୍କା ବକେୟା ପାଇଁ ପାରାଦୀପ ବନ୍ଦରରେ ଜାହାଜ ଗିରଫ

**ପାରାଦୀପ, ୧୭/୯ ନ୍ୟୁଜ ବ୍ୟୁରୋ**

ପାରାଦୀପ ବନ୍ଦରରେ ଜାହାଜ ଗିରଫ । ମେଣ୍ଟେନାନ୍ସ ଟଙ୍କା ବକେୟା ପାଇଁ ଗିରଫ ହେଲା ଏମ୍‌ଭି ଡେନସା ଲାୟନ ଜାହାଜ । ଓ୍ୱେପଏଣ୍ଟ ପୋର୍ଟ ସର୍ଭିସ୍ ଲିମିଟେଡର ୪୨ ଲକ୍ଷ ୭୨ ହଜାରରୁ ଉର୍ଦ୍ଧ୍ୱ ମେଣ୍ଟେନାନ୍ସ ଟଙ୍କା ଦେଇ ନପାରିବାରୁ ଜାହାଜକୁ ଗିରଫ କରାଯାଇଛି । ଏନେଇ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଜାହାଜ ଗିରଫ ହୋଇ ଆଙ୍କରେଜରେ ରହିବ । ସୂଚନାନୁଯାୟୀ, ଏମ୍‌ଭି ଡେନସା ଲାୟନ ଆଇରନ ପ୍ଲେଟ୍ ନେବା ପାଇଁ ପାରାଦୀପ ଆସିଛି । ବର୍ତ୍ତମାନ ଉକ୍ତ ଜାହାଜ ପିଆଇସିଟି ବର୍ଥରେ ଲାଗିଛି । ଗତ ବର୍ଷକ ମଧ୍ୟରେ ଏହାକୁ ମିଶାଇ ୪ରୁ ଉର୍ଦ୍ଧ୍ୱ ଜାହାଜ ପାରାଦୀପ ବନ୍ଦରରେ ଗିରଫ ହୋଇ ସାରିଛନ୍ତି । ଗିରଫ ହେବା ପରେ ହାଇକୋର୍ଟରେ ଆପୋଷ ସମାଧାନ ମଧ୍ୟରେ ପୂର୍ବରୁ ୩ଟି ଜାହାଜ ଟଙ୍କା ପୈଠ କରି ମୁକୁଳି ସାରିଛନ୍ତି । ପରବର୍ତ୍ତୀ ଶୁଣାଣି ଉପରେ ଏମ୍‌ଭି ଡେନସା ଲାୟନ ଜାହାଜର ଭାଗ୍ୟ ନିର୍ଭର କରୁଛି ।

# କିସ୍ ଛାତ୍ରଛାତ୍ରୀ ପାଳିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ

**ଭୁବନେଶ୍ୱର, ୧୭।୯ ନ୍ୟୁଜ ବ୍ୟୁରୋ**

ବିଶ୍ୱର ସର୍ବବୃହତ ଜନଜାତି ବିଦ୍ୟାଳୟ କିସ୍ ପରିସରରେ ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୫ ତମ ଜନ୍ମଦିନ ମହାସମାରୋହରେ ପାଳିତ ହୋଇଯାଇଛି । ଏଥିରେ କିସ୍‌ର ୪୦ ହଜାର ଛାତ୍ରଛାତ୍ରୀ ଏକାଠି ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ପାଳନ କରିଥିଲେ । ପିଲାମାନେ ମୋଦୀଙ୍କ ମୁଖା ପିନ୍ଧି ଜନ୍ମଦିନ ସଙ୍ଗୀତର ତାଳେତାଳେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଜନ୍ମଦିନ ପାଳନ କରିଥିଲେ । ଏହି ଅବସରରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ କିଟ୍ ଓ କିସ୍ ତଥା କିମ୍‌ସ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଶ୍ରୀ ମୋଦୀଙ୍କୁ ତାଙ୍କ ଜନ୍ମଦିନର ଶୁଭେଚ୍ଛା ଜଣାଇଥିଲେ । ଏହା ସହ ଡ. ସାମନ୍ତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୀର୍ଘ, ସୁସ୍ଥ ଓ ନିରାମୟ




ଜୀବନ କାମନା କରିଥିଲେ । ଶ୍ରୀ ମୋଦୀଙ୍କ ଜନ୍ମଦିନ ପାଇଁ କିସ୍‌ରେ ବିଶେଷ ସାଜସଜା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ କିଟ୍ ଓ କିସ୍‌ର ବହୁ ପଦାଧିକାରୀ ମଧ୍ୟ ଉପସ୍ଥିତ ଥିଲେ ।

# ସାମାଜିକ ସୁରକ୍ଷାକୁ ସୁଦୃଢ କରିବା ଦିଗରେ ନାଲ୍‌କୋର ନୂତନ ପଦକ୍ଷେପ






**ଭୁବନେଶ୍ୱର,୧୭/୯ ନ୍ୟୁଜ ବ୍ୟୁରୋ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିପୂର୍ଣ୍ଣ ନେତୃତ୍ୱ ଯୋଗୁଁ ଭାରତର ଖଣି କ୍ଷେତ୍ରରେ ଖଣି ଶ୍ରମିକଙ୍କ କଲ୍ୟାଣ, ସୁରକ୍ଷା ଏବଂ ଜୀବିକାରେ ପରିବର୍ତ୍ତନକାରୀ ସଂସ୍କାର ଆସିଛି । ଏହି ଭବିଷ୍ୟତମୁଖୀ ପଦକ୍ଷେପଗୁଡ଼ିକ କେବଳ କାର୍ଯ୍ୟ ପରିସ୍ଥିତି ଏବଂ ସୁରକ୍ଷା ପଦକ୍ଷେପଗୁଡ଼ିକୁ ଉନ୍ନତ କରିନାହିଁ ବରଂ ଦକ୍ଷତା ବିକାଶ, ସାମାଜିକ ସୁରକ୍ଷା ଏବଂ ସ୍ଥାୟୀ ଅଭିବୃଦ୍ଧି ପାଇଁ ମଧ୍ୟ ଦ୍ୱାର ଉନ୍ମୁକ୍ତ କରିଛି । ଏକ ଅଗ୍ରଣୀ ପଦକ୍ଷେପ ଭାବରେ ଏବଂ କର୍ମଚାରୀ କଲ୍ୟାଣ ପ୍ରତି ନିଜର ପ୍ରତିବଦ୍ଧତା ସହିତ ନାଲ୍‌କୋ ଭାରତୀୟ ଷ୍ଟେଟ ବ୍ୟାଙ୍କ ଏବଂ ଅନ୍ୟାନ୍ୟ ଅଗ୍ରଣୀ ବ୍ୟାଙ୍କ ସହିତ କର୍ପୋରେଟ୍ ଦରମା ଆକାଉଣ୍ଟ ମାଧ୍ୟମରେ ଏହାର ସମସ୍ତ ନିୟମିତ କର୍ମଚାରୀଙ୍କୁ ୧ କୋଟି ଟଙ୍କାର ଗୋଷ୍ଠୀ ବ୍ୟକ୍ତିଗତ ଦୁର୍ଘଟଣା ବୀମା କଭରେଜ୍ ପ୍ରଦାନ କରୁଛି । କମ୍ପାନୀ ଏହାର ଚୁକ୍ତିଭିତ୍ତିକ କର୍ମଚାରୀଙ୍କ ପାଇଁ ମଧ୍ୟ ଏକ ଗୋଷ୍ଠୀ ବ୍ୟକ୍ତିଗତ ଦୁର୍ଘଟଣା ବୀମା ଯୋଜନା ଆରମ୍ଭ କରିଛି । ଏହି ଯୋଜନା ଅଧୀନରେ ପ୍ରତ୍ୟେକ ଚୁକ୍ତିଭିତ୍ତିକ କର୍ମଚାରୀଙ୍କର ଡ୍ୟୁଟି ସମୟରେ ଦୁର୍ଘଟଣାଜନିତ ମୃତ୍ୟୁ ହେଲେ ୨୦ ଲକ୍ଷ ଟଙ୍କା ଏବଂ ଅକ୍ଷମତା କ୍ଷେତ୍ରରେ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ପାଇବେ । କୋଇଲା ଏବଂ ଖଣି ମନ୍ତ୍ରୀ ଜି. କିଶନ୍ ରେଡ୍ଡୀଙ୍କ ନେତୃତ୍ୱରେ ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ କମ୍ପାନୀ କର୍ମଚାରୀମାନଙ୍କ ପାଇଁ ଏକ ସୁଦୃଢ ଆର୍ଥିକ ସୁରକ୍ଷା ସୁନିଶ୍ଚିତ କରିଛି ଏବଂ କର୍ମଚାରୀଙ୍କ ସୁରକ୍ଷା ପାଇଁ କମ୍ପାନୀର ସକ୍ରିୟ ଆଭିମୁଖ୍ୟକୁ ସ୍ପଷ୍ଟ କରିଛି । ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟି ସହିତ ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ନାଲ୍‌କୋ) ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧୀନସ୍ଥ ନବରତ୍ନ ଲୋକ ଉଦ୍ୟୋଗ ତଥା ଦେଶର ଅଗ୍ରଣୀ ସମନ୍ୱିତ ଆଲୁମିନିୟମ ଉତ୍ପାଦକ ଭାବେ ନିଜର ନିୟମିତ ଓ ଚୁକ୍ତିଭିତ୍ତିକ କର୍ମଚାରୀଙ୍କୁ ସୁବିଧା ସୁଯୋଗ ଯୋଗାଇଦେବା ନିମନ୍ତେ ବିଭିନ୍ନ ପ୍ରଗତିଶୀଳ ପଦକ୍ଷେପମାନ ଗ୍ରହଣ କରିଆସୁଛି । ଏହି ପ୍ରୟାସଗୁଡ଼ିକ ଖଣି କ୍ଷେତ୍ରରେ ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି, ସାମାଜିକ ସୁରକ୍ଷା ଏବଂ ସ୍ଥାୟୀ ବିକାଶ ପ୍ରତି କମ୍ପାନୀର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ ।

## ପୁରୀରେ ଗୋପାଳପୁର ଘଟଣାର ପୁନରାବୃତ୍ତି

# ପୁରୁଷ ବନ୍ଧୁଙ୍କ ସାମ୍ନାରେ ଯୁବତୀଙ୍କୁ ଗଣ ଦୁଷ୍କର୍ମ : ୩ ଗିରଫ

**ପୁରୀ, ୧୭/୯ ନ୍ୟୁଜ ବ୍ୟୁରୋ**

ପୁରୀ ବାଲିହରଚଣ୍ଡୀ ପୀଠରେ ଗୋପାଳପୁର ଘଟଣାର ପୁନରାବୃତ୍ତି । ବ୍ରହ୍ମଗିରିର ବାଲିହରଚଣ୍ଡୀ ପୀଠରେ ଜଣେ ଯୁବତୀଙ୍କୁ ଗଣ ଦୁଷ୍କର୍ମ ହୋଇଥିବା ନେଇ ଆସିଛି ସାଂଘାତିକ ଅଭିଯୋଗ । ଯୁବତୀ ଜଣକ ତାଙ୍କ ପୁରୁଷ ବନ୍ଧୁଙ୍କ ସହ ବାଲିହରଚଣ୍ଡୀ ବୁଲିବାକୁ ଆସିଥିବାବେଳେ ଦୁଷ୍କର୍ମର ଶିକାର ହୋଇଥିଲେ । ଘଟଣା ଶନିବାର ଦିନ ଘଟିଥିଲେ ହେଁ ସୋମବାର ଦିନ ସାମ୍ନାକୁ ଅସିଛି । ପୁରୀ ସଦର ଥାନାରେ ୫୫୨/୨୫ ମାମଲା ରୁଜୁ କରାଯାଇଥିବାବେଳେ ପୋଲିସ ୩ ଜଣଙ୍କୁ ଗିରଫ କରିଛି । ବାଲିହରଚଣ୍ଡୀ ଏକ ପର୍ଯ୍ୟଟନ ସ୍ଥଳୀ । ଏଠାକୁ ବିଭିନ୍ନ ସ୍ଥାନରୁ ପର୍ଯ୍ୟଟକ ମାନେ ବୁଲିବାକୁ ଆସିଥାନ୍ତି । ସଦର ଥାନା ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଗତ ୧୩ ତାରିଖରେ ଏହି ଘଟଣା ଘଟିଥିଲା । ଶନିବାର ସଂପୃକ୍ତା ଯୁବତୀ ତାଙ୍କର ପୁରୁଷ ବନ୍ଧୁଙ୍କ ସହ ବାଲିହରଚଣ୍ଡୀ ବୁଲିବାକୁ ଆସିଥିଲେ । ବାଲିହରଚଣ୍ଡୀ ନିକଟରେ ଥିବା ଏକ ସ୍ଥାନରେ ଉଭୟେ ବସିଥିଲେ । ସ୍ଥାନୀୟ ଅଞ୍ଚଳର କିଛି ଯୁବକ ସେମାନଙ୍କର ଫଟୋ ଉଠାଇବା ସହ ବ୍ଲାକମେଲ କରିଥିଲେ । ଏପରିକି ଟଙ୍କା ଦାବି କରିଥିଲେ ଏବଂ ନ



ଦେବାରୁ ଟଙ୍କା ଛଡାଇ ନେଇଥିଲେ । ପରେ ପୀଡ଼ିତାଙ୍କ ପୁରୁଷ ବନ୍ଧୁଙ୍କୁ ବାନ୍ଧି ଦେଇ ଦୁଇ ଜଣ ଅଭିଯୁକ୍ତ ଯୁବତୀଙ୍କୁ ଦୁଷ୍କର୍ମ କରିଥିଲେ । ଏ ନେଇ ସଂପୃକ୍ତା ଯୁବତୀ ପ୍ରଥମେ ଅଭିଯୋଗ କରି ନ ଥିଲେ । ପରେ ପୋଲିସ ଜାଣିବା ପରେ ପୀଡ଼ିତାଙ୍କ ପାଖକୁ ଯାଇ ଅଭିଯୋଗ ଗ୍ରହଣ କରିଥିଲେ । ଏହି ଘଟଣାକୁ ପୁରୀ ଏସ୍‌ପି ପ୍ରତୀକ ସିଂ ଗୁରୁତର ଭାବେ ନେଇ ଅଭିଯୁକ୍ତଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ସେପଟେ ପୁରୀ ସଦର ଥାନା ପୋଲିସ୍ ପୀଡିତାଙ୍କୁ ନେଇ ଘଟଣାସ୍ଥଳ ପରିଦର୍ଶନ କରିଛି । ଫରେନସିକ ଟିମ୍ ମଧ୍ୟ ଘଟଣା ସ୍ଥଳକୁ ଯାଇ ବିଭିନ୍ନ ପ୍ରମାଣ ସଂଗ୍ରହ କରୁଛି । ତେବେ ପୁରୀ ଭଳି ଏକ ପର୍ଯ୍ୟଟନସ୍ଥଳୀରେ ଏଭଳି ଦୁଷ୍କର୍ମ ଘଟଣାକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ବାଲିହରଚଣ୍ଡୀ ଏକ ନିଛାଟିଆ ଅଞ୍ଚଳ ହୋଇଥିବା ବେଳେ ସେଠାରେ କୌଣସି ସୁରକ୍ଷା ବ୍ୟବସ୍ଥା ନ ଥିବା ହେତୁ ଏଭଳି ଅଭାବନୀୟ ଘଟଣା ଘଟିଥିବା ବୁଦ୍ଧିଜୀବୀ ଅଭିଯୋଗ କରିଛନ୍ତି । ବରିଷ୍ଠ ଆଇନଜୀବୀ ଶରତ କୁମାର ରାୟଗୁରୁ ନିଜ ପ୍ରତିକ୍ରିୟାରେ କହିଛନ୍ତି, ବାଲିହରଚଣ୍ଡୀ ପୀଠ ଏକ ପର୍ଯ୍ୟଟନ କ୍ଷେତ୍ର । ଯଦି ସେଠାରେ ଏଭଳି ଦୁଷ୍କର୍ମ ଘଟଣା ଘଟିବ ତାହା ହେଲେ କେହି ଆଉ ପର୍ଯ୍ୟଟନସ୍ଥଳୀକୁ ଯିବେ ନାହିଁ । ଏହା ଦ୍ୱାରା ସ୍ଥାନୀୟ ଅଞ୍ଚଳର ଅର୍ଥନୀତି ପ୍ରଭାବିତ ହେବ । ତେବେ ପୁରୀରେ ଯେତେ ପର୍ଯ୍ୟଟନସ୍ଥଳୀ ରହିଛି ପ୍ରତିଦିନ ହଜାର ହଜାର ପର୍ଯ୍ୟଟକ ସେଠାକୁ ଯାଉଛନ୍ତି । ସେଠାରେ ପୋଲିସ ମୁତୟନ ହେବା ଉଚିତ୍ । ପୋଲିସ ଉପସ୍ଥିତ ଥିଲେ ଏଭଳି ଅଭାବନୀୟ ଘଟଣା ଘଟିନଥାନ୍ତା । ସରକାର ଏହି ଘଟଣାକୁ ଗୁରୁତର ଭାବେ ଗ୍ରହଣ କରି ପୁରୀ ଓ ଏହାର ଆଖପାଖ ଅଞ୍ଚଳରେ ଯେଉଁ ପର୍ଯ୍ୟଟନସ୍ଥଳୀ ରହିଛି ତାହାର ସୁରକ୍ଷା ବୃଦ୍ଧି କରନ୍ତୁ । ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ନିଜ ପ୍ରତିକ୍ରିୟାରେ କହିଛନ୍ତି, ଯେଉଁଠି ପୋଲିସ ଫାଣ୍ଡିର ଆବଶ୍ୟକତା ରହିଛି ସେଥିପାଇଁ ସ୍ୱତନ୍ତ୍ର ନିୟମ ଅଛି । ଏସ୍‌ପିଙ୍କ ସହ ମୁଁ ଏ ନେଇ କଥା ହୋଇଛି । ଏସ୍‌ପି ଏ ନେଇ ଅବଗତ କରାଇଲେ ଆମେ ଫାଣ୍ଡି ସ୍ଥାପନ ନେଇ ପଦକ୍ଷେପ ନେବୁ । ଯେଉଁ ଅଞ୍ଚଳରେ ଏଭଳି ଅଘଟଣ ହେବାର ନଜିର ଅଛି ସେଠାରେ ଅଧିକ ପୋଲିସ ମୁତୟନ ପାଇଁ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ତେବେ ପର୍ଯ୍ୟଟନ ସ୍ଥଳୀର ସୁରକ୍ଷା ପାଇଁ ଆମେ ସ୍ୱତନ୍ତ୍ର ଯୋଜନା କରି ପଦକ୍ଷେପ ନେବୁ । ବାଲି ହରଚଣ୍ଡୀ ପୀଠ ନିକଟରେ ଘଟିଥିବା ଗଣଦୁଷ୍କର୍ମ ଘଟଣାରେ ରାଜ୍ୟ ସରକାରଙ୍କୁ ମଧ୍ୟ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ସମାଲୋଚନା କରିଛନ୍ତି । 'ଗୋପାଳପୁର ବେଳାଭୂମିରେ ଘଟିଥିବା ଗଣଦୁଷ୍କର୍ମ ଘଟଣା ମନରୁ ନ ଲିଭୁଣୁ ବାଲିହରଚଣ୍ଡୀ ପୀଠ ନିକଟ ଗଣଦୁଷ୍କର୍ମ ଘଟଣା ସଭ୍ୟ ସମାଜକୁ ପୁଣି ଲଜ୍ଜିତ କରିଛି । ଓଡ଼ିଶାରେ ଯେବେଠାରୁ ବିଜେପି ସରକାର ଆସିଛି, ଆଇନଶୃଙ୍ଖଳା ସ୍ଥିତି ବିପର୍ଯ୍ୟସ୍ତ ହୋଇପଡିଛି । ମହିଳା ଓ ଛାତ୍ରୀ ଅସୁରକ୍ଷିତ, ସରକାର ଅତ୍ୟନ୍ତ ବେପରୁଆ ମନୋଭାବ ଦେଖାଉଛନ୍ତି । ପ୍ରତିଦିନ ରାଜ୍ୟର ଭିନ୍ନ ଭିନ୍ନ ସ୍ଥାନରୁ ଆସୁଥିବା ନାରୀ ନିର୍ଯାତନା ଖବର ପାଇଁ ଓଡ଼ିଶା ଲଜ୍ଜିତ ହେଉଛି । ଗୋପାଳପୁର, ବାଲେଶ୍ୱର ଏବଂ ବଳଙ୍ଗା ଘଟଣାରେ ପୀଡିତାଙ୍କ ପରିବାର ନ୍ୟାୟରୁ ବଞ୍ଚିତ ଅଛନ୍ତି । ସରକାର ସବୁବେଳେ ଗୋଟିଏ କଥା କହୁଛନ୍ତି, ଲୋକଙ୍କ ସରକାର ଦୃଢ ଆକ୍ସନ ନେଉଛନ୍ତି । କେହି ନ୍ୟାୟରୁ ବଞ୍ଚିତ ହେବେନି ଏବଂ କାହାକୁ ଛଡା ଯିବନି । ହେଲେ ବାସ୍ତବତା ଭିନ୍ନ,' ବୋଲି ନବୀନ ପଟ୍ଟନାୟକ ସୋସିଆଲ ମିଡିଆ ଏକ୍ସରେ ପୋଷ୍ଟ କରି କହିଛନ୍ତି ।

## ପୀଡ଼ିତାଙ୍କୁ ଭେଟିଲା ବିଜେଡିର ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍

**ପୁରୀ, ୧୭/୯ ନ୍ୟୁଜ ବ୍ୟୁରୋ**

ବ୍ରହ୍ମଗିରିର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ବାଲିହରଚଣ୍ଡୀ ପୀଠରେ ଘଟିଥିବା ଗଣଦୁଷ୍କର୍ମ ଘଟଣାରେ ପୀଡ଼ିତା ଓ ତାଙ୍କ ପରିବାକୁ ଭେଟିଛି ବିଜେଡି ମହିଳା ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ । ପରେ ଘଟଣାର ତଦନ୍ତ ଓ ଅଗ୍ରଗତି ନେଇ ଏସ୍‌ପି ପ୍ରତୀକ ସିଂହଙ୍କ ସହ ଆଲୋଚନା କରିଛନ୍ତି । ପୀଡ଼ିତା ଓ ତାଙ୍କ ପରିବାରକୁ ସୁରକ୍ଷା ଯୋଗାଇବା ପାଇଁ ବିଜେଡି ମହିଳା ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଏସ୍‌ପିଙ୍କ ସହ ଆଲୋଚନା କରିଛି । ସେହିପରି ଘଟଣାର ଉପଯୁକ୍ତ ତଦନ୍ତ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛି ଦଳ । ପୁରୀ ଜିଲ୍ଲାରେ ଥିବା ବିଭିନ୍ନ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଓ ଦର୍ଶନୀୟ ସ୍ଥାନ ଗୁଡ଼ିକରେ ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ଦୃଢ଼ ପଦକ୍ଷେପ ଗ୍ରହଣ କରାଯିବାକୁ ଦାବି କରିଛନ୍ତି ବିଜେଡି ରାଜ୍ୟ ଉପସଭାପତି ସଞ୍ଜୟ ଦାସ ବର୍ମା ।

## ଦଶହରା ପାଇଁ ବିଏମସିର ଅପିଲ୍: ଭୋଗ ପ୍ଲାଷ୍ଟିକ୍ ବ୍ୟାଗରେ ନିଅନ୍ତୁ ନାହିଁ

**ଭୁବନେଶ୍ୱର, ୧୭/୯ ନ୍ୟୁଜ ବ୍ୟୁରୋ**

ଦୁର୍ଗାପୂଜାରେ ପଲିଥିନ୍ କ୍ୟାରିବ୍ୟାଗରେ ଭୋଗ ନ ନେବା ପାଇଁ ଲୋକଙ୍କୁ ଭୁବନେଶ୍ୱର ମ୍ୟୁନିସିପାଲ୍ କର୍ପୋରେସନ୍ (ବିଏମସି) ଅପିଲ୍ କରିଛି । ପର୍ବ ସମୟରେ ଥରେ ବ୍ୟବହାର ହେଉଥିବା ପ୍ଲାଷ୍ଟିକର ବ୍ୟବହାର ଏବଂ ଅଳିଆ ଆବର୍ଜନାକୁ ରୋକିବା ପାଇଁ ଭୁବନେଶ୍ୱର ମ୍ୟୁନିସିପାଲ୍ କର୍ପୋରେସନ୍ ଏଭଳି ପଦକ୍ଷେପ ଗ୍ରହଣ କରିଛି । ଏନେଇ ସହରର ବିଭିନ୍ନ ସ୍ଥାନରେ ଲାଗିଥିବା ବୋର୍ଡରେ ସଚେତନତା ବାର୍ତ୍ତା ଲେଖାଯିବ । ଏହାକୁ କିଓସ୍କରେ ଲଗାଯିବ । ବିଏମସି କିଓସ୍କ ସ୍ଥାପନ କରିବ ଯାହା ମାଧ୍ୟମରେ ଲୋକମାନଙ୍କୁ ପଲିଥିନ୍ କ୍ୟାରି ବ୍ୟାଗ ନ ନେବାକୁ ଅନୁରୋଧ କରାଯିବ । ଦୁର୍ଗାପୂଜା ସମୟରେ ସହରର କଠିନ ଅଳିଆ ପ୍ରତିଦିନ ଅତିରିକ୍ତ ୨୦୦ମେଟ୍ରିକ୍ ଟନ୍ ବୃଦ୍ଧି ପାଏ । ପ୍ରତିଦିନ ସାଧାରଣତଃ, ସହରରେ ପ୍ରାୟ ୮୦୦ ମେଟ୍ରିକ୍ ଟନ୍ ଆବର୍ଜନା ସଂଗ୍ରହ ହୋଇଥାଏ । ସେଥି ମଧ୍ୟରେ ପ୍ରାୟ ୨୦୦ ଟନ୍ ପ୍ଲାଷ୍ଟିକ୍ ଅଳିଆ ଥାଏ । ଲୋକଙ୍କୁ ସଚେତନ କରିବା ପାଇଁ ଦୁର୍ଗାପୂଜା ସମୟରେ ସ୍ୱଚ୍ଛତା ଉପରେ ବାର୍ତ୍ତା ଥିବା ଲିଫଲେଟ୍ ବଣ୍ଟନ କରିବା ପାଇଁ କିଓସ୍କଗୁଡ଼ିକରେ ସ୍ୱେଚ୍ଛାସେବକମାନଙ୍କର ଏକ ଦଳ ନିୟୋଜିତ ହେବେ । ଏହି କିଓସ୍କ ରଖିବାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପଲିଥିନ୍ କ୍ୟାରି ବ୍ୟାଗ ବ୍ୟବହାର ନକରିବା, ଅଳିଆ ଯାଞ୍ଚ କରିବା, ସାନିଟାରୀ କର୍ମଚାରୀଙ୍କ ଉପରେ ବୋଝ କମାଇବା ଏବଂ ପ୍ଲାଷ୍ଟିକ୍ ଅଳିଆ ପରିଚାଳନାର ସାମଗ୍ରିକ ବୋଝକୁ କମ କରିବା ପାଇଁ ବାର୍ତ୍ତା ପ୍ରସାର କରିବା । ଏହା ବ୍ୟତୀତ, ସ୍ୱେଚ୍ଛାସେବକମାନେ ଲୋକମାନଙ୍କୁ ରାସ୍ତା ଏବଂ ନିକଟବର୍ତ୍ତୀ ପୂଜା ମଣ୍ଡପରେ ପୂଜା ଅଳିଆ ନ ପକାଇବା ପାଇଁ ସଚେତନ କରିବେ । ନିର୍ଦ୍ଦିଷ୍ଟ ଡଷ୍ଟବିନ୍‌ରେ ଆବର୍ଜନା ପକାଇବାକୁ ସଚେତନ କରିବେ । ଏହି କିଓସ୍କଗୁଡ଼ିକ ବରମୁଣ୍ଡା, ନୟାପଲ୍ଲୀ, ସହିଦ ନଗର, ରସୁଲଗଡ଼, ଝାରପଡ଼ା ଏବଂ ଡମଣା ଭଳି ବଡ଼ ମଣ୍ଡପରେ ସ୍ଥାପନ କରାଯିବ । ସଚେତନତା ଅଭିଯାନ ତଦାରଖ କରିବା ପାଇଁ ବିଏମସି ତିନି ଜୋନାଲ ଡେପୁଟି କମିସନରଙ୍କ ସମେତ ଅଧିକାରୀମାନଙ୍କୁ ନିଯୁକ୍ତ କରିବାକୁ ନିଷ୍ପତ୍ତି ନେଇଛି । ବରିଷ୍ଠ ଅଧିକାରୀମାନେ ପର୍ଯ୍ୟାୟକ୍ରମେ କିଓସ୍କରେ ବସିବେ । ପାରମ୍ପରିକ ପୋଖରୀ ନିକଟରେ ଖୋଳାଯାଇଥିବା କୃତ୍ରିମ ପୋଖରୀରେ ମୂର୍ତ୍ତି କିପରି ବିସର୍ଜନ କରାଯିବ ସେ ବିଷୟରେ ପୂଜା କମିଟି ସଦସ୍ୟମାନଙ୍କୁ ମଧ୍ୟ ଶିକ୍ଷା ଦିଆଯିବ ବୋଲି ବିଏମସି ପକ୍ଷରୁ କୁହାଯାଇଛି ।